EXPRESSES THE TRUTH

ପ୍ରକାଶ କରେ କେବଳ ସତ୍ୟ

/Odisha Sandesh


# ଓଡ଼ିଶା ସନ୍ଦେଶ

Weekly
ସାପ୍ତାହିକ

ODISHA SANDESH

RNI NO : ODIODI/2006/19914

Website : www.odishasandesh.in
E-mail:odishasandesh.news@gmail.com



କେଉଁମାନଙ୍କୁ ମହାମୂର୍ଖ କୁହାଯାଏ
ପୃଷ୍ଠା-୬



ଚର୍ଚ୍ଚାରେ ପ୍ରିୟତମା
ପୃଷ୍ଠା-୭

● ବର୍ଷ- ୧୬ ● ସଂଖ୍ୟା-୨୪● ଭୁବନେଶ୍ୱର ● ଫେବୃଆରୀ ୨୮- ମାର୍ଚ୍ଚ ୬,୨୦୨୨ ● ପୃଷ୍ଠା -୮● ମୂଲ୍ୟ- ୩.୦୦ ଟଙ୍କା ● Vol -16 ● Issue - 24● Bhubaneswar ● February28-March 6, 2022 ● Page- 8 ● ₹ .3.00

# ନବୀନଙ୍କ ସ୍ୱଚ୍ଛ ଶାସନକୁ ଭରସା କଲେ ଜନତା ଜନାର୍ଦ୍ଦନ



ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ଗଣତି ଯେତିକି ବଢୁଛି ପଞ୍ଚାୟତରେ ବିଜେଡିର ଆଧିପାତ୍ୟ ସେତେ ବଢୁଛି। ଉପକୂଳରୁ ପଶ୍ଚିମ, ଦକ୍ଷିଣରୁ ଉତ୍ତର ଓଡିଶା ପର୍ଯ୍ୟନ୍ତ ସବୁଠି ଖାଲି ବିଜେଡି ଆଉ ବିଜେଡି। କୋରାପୁଟ, ରାୟଗଡାରେ ବିଜେଡିକୁ କଂଗ୍ରେସ କିଛି ମାତ୍ରାରେ ଟକ୍କର ଦେଉଥିବା ବେଳେ ବରଗଡ, ବଲାଙ୍ଗୀର, ସମ୍ବଲପୁର ଓ ଖୋର୍ଦ୍ଧାରେ ବିଜେପି ନିଜ ସମ୍ମାନ ରକ୍ଷା କରିବାକୁ ଲଢ଼େଇ କରୁଛି। ସ୍ଥିତି ଏପରି ହୋଇଛି ଯେ ବିଜେଡି ୮୯ ପ୍ରତିଶତ ସିଟ୍ ଦଖଲ କରିସାରିଲାଣି। ବାକି ଯାଜପୁର, ସମ୍ବଲପୁର, ସୁନ୍ଦରଗଡରୁ ଆରମ୍ଭ କରି ପୁରୀ, ଖୋର୍ଦ୍ଧା, କଟକ ପର୍ଯ୍ୟନ୍ତ ସବୁଠି ବିଜେଡି ଏକତରଫା ବିଜୟ ହାସଲ କରିଛି। କିନ୍ତୁ କୋରାପୁଟ, ରାୟଗଡାରେ କଂଗ୍ରେସ ପ୍ରାର୍ଥୀ ଯେଉଁଠି ଜିତିଛନ୍ତି ସେଠାରେ ବିଜେଡି ପ୍ରାର୍ଥୀମାନେ କଡା ଟକ୍କର ଦେଇଥିଲେ ବି ପାରି ନାହାନ୍ତି।

ଅପରପକ୍ଷେ ଗଣତିର ପ୍ରଥମ ଦିନରେ ଯେଉଁ ଟ୍ରେଣ୍ଡ ଚାଲିଥିଲା ଦ୍ୱିତୀୟ ଦିନରେ ବି ସେୟା ଚାଲିଛି। ଆଜି ୩୦୫ଟି ସିଟ୍‌ରେ ଗଣତି ଚାଲିଥିବା ବେଳେ ବିଜେଡି ୮୯% ଯଦିଓ ଆମର ପ୍ରଦର୍ଶନ ସେତେଟା ଉତ୍ସାହଜନକ ନୁହେଁ, ହେଲେ ସାରା ପ୍ରକ୍ରିୟାକୁ ଅନୁଧ୍ୟାନ କଲେ ଏହା ଗଣତନ୍ତ୍ରର ଉପହାସ କରିବା ଭଳି ଲାଗୁଛି । ପଞ୍ଚାୟତ ନିର୍ବାଚନରେ ଶାସକ ଦଳ ନିଜ କ୍ଷମତାର ଅପବ୍ୟବହାର କରିଛି। ଯାହାର ଫଳାଫଳ ସମସ୍ତଙ୍କ ଆଗରେ।

ବାସ୍ତବରେ ଏହା ଜନାଦେଶ ନୁହେଁ, ଧନାଦେଶ। ଚଳିତ ପଞ୍ଚାୟତ ନିର୍ବାଚନରେ ଦଳର କିଛି ତ୍ରୁଟି ବିଚ୍ୟୁତି ଯୋଗୁଁ ଏପରି ଖରାପ ପ୍ରଦର୍ଶନ ହୋଇଛି। ଦେଶର ବିଭିନ୍ନ ରାଜ୍ୟରେ ନିର୍ବାଚନ ଥିଲା। ସେଥିପାଇଁ ଦଳ ନେଇଥାଏ। କିନ୍ତୁ ବିରୋଧୀଙ୍କ ଏଜେଣ୍ଡା ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ନହୋଇ ନିଜ ରାଜନୈତିକ ଫାଇଦା ପାଇଁ ହେଲେ କ'ଣ ହେବ? ଜନସାଧାରଣ ଭୋଟ ଦେଇ ସରକାର ବାଛନ୍ତି । ସରକାର ତାଙ୍କ କାମ କରୁଛନ୍ତି କିନ୍ତୁ ବିରୋଧୀ ଦଳର କାମ ହେଉଛି ସରକାରଙ୍କ ଦୋଷ ଦୁର୍ବଳତାକୁ ପଦାକୁ ଆଣିବା। ତାହା ଠିକ୍ ଢଙ୍ଗରେ କରିବାରେ ବିଫଳ ହେଉଛନ୍ତି କି ବିରୋଧୀ ଦଳ? ନିଜ କାମ ନ କରି କେବଳ

## ୫-ଟି ସଚିବଙ୍କ ଗୋଟିଚାଳନା ଓ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଅକ୍ଲାନ୍ତ ପରିଶ୍ରମ ପାଇଁ ବିଜେଡ଼ିର ବାଜିମାତ୍

୧୧ପ୍ରତିଶତ ବିଜେପି, କଂଗ୍ରେସ, ସ୍ୱାଧୀନ ଏବଂ ଅନ୍ୟାନ୍ୟ ଦଳର ପ୍ରାର୍ଥୀ ପାଇଛନ୍ତି। ପ୍ରଥମ ଦିନର ଗଣତିରେ ୩୧୫ଟି ସିଟ୍‌ରୁ ବିଜେଡି ୮୯ ପ୍ରତିଶତ ଅର୍ଥାତ୍ ୨୮୨ଟି ସିଟ୍‌ରେ ବିଜୟ ହାସଲ କରିଛି। ସେହିପରି କଂଗ୍ରେସ ୪ପ୍ରତିଶତ ଅର୍ଥାତ୍ ୧୪ଟି, ବିଜେପି ୫ପ୍ରତିଶତ ସିଟ୍ ଅର୍ଥାତ୍ ୧୫ଟି ସିଟ୍‌ରେ ବିଜୟ ହାସଲ କରିଛନ୍ତି। ବାକି ୨ପ୍ରତିଶତ ସିଟ୍ ସ୍ୱାଧୀନ ଓ ଅନ୍ୟାନ୍ୟ ଦଳ ବାଣ୍ଟି ନେଇଛନ୍ତି। ପ୍ରଥମ ଦିନର ଫଳାଫଳରୁ ଜାଣିବାକୁ ମିଳିଛି ଯେ ୩୩ଟି ଆସନରେ କଡା ଟକ୍କର ହୋଇଥିବା ବେଳେ ବିଜେଡି ପ୍ରାର୍ଥୀ ୧୯ଟିରେ ବାଜି ମାରି ନେଇଛନ୍ତି।

ଏହି ୩୩ଟି ଆସନରେ ହଜାରେରୁ କମ୍ ଭୋଟ୍ ବ୍ୟବଧାନରେ ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି। ବିଜେପି ଓ କଂଗ୍ରେସ ପ୍ରାର୍ଥୀ ଅଳ୍ପ ଭୋଟ୍ ବ୍ୟବଧାନରେ ୬ଟି ଲେଖାଏଁ ଆସନରେ ଜିତିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଏବଂ ଜେଏମ୍ଏମ୍ ଗୋଟିଏ ଆସନରେ କଡା ଲଢ଼େଇରେ ଜିତିଛି। ବିଷୋଇ-୧ରେ ଜେଏମ୍ଏମ୍ ପ୍ରାର୍ଥୀ କଡା ଟକ୍କର ମଧ୍ୟରେ ମାତ୍ର ୨୨ଟି ଭୋଟ୍‌ରେ ଜିତିଛନ୍ତି।

ଗଞ୍ଜାମ, ମୟୂରଭଞ୍ଜ, ଅର୍ଥାତ୍ ୨୭୧ଟିରେ ଆଗୁଆ ଚାଲିଛି। ବିଜେପି ୧୫ ଓ କଂଗ୍ରେସ ୧୬ଟି ସିଟ୍‌ରେ ଆଗୁଆ ଅଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଏବଂ ଅନ୍ୟାନ୍ୟ ଦଳର ପ୍ରାର୍ଥୀ ୩ଟି ଆସନରେ ଆଗୁଆ ଅଛନ୍ତି। ବିଜେଡି ସବୁ ଜିଲ୍ଲାରେ ବିରୋଧୀଙ୍କୁ ମାତ୍ ଦେଇ ଆଗକୁ ବଢୁଛି।

ସେପଟେ ବିରୋଧୀ ବିଶେଷ କରି ବିଜେପି ନେତାଏ ବିଜେଡ଼ିର ଏତେ ପରିମାଣର ବିଜୟକୁ ହଜମ୍ କରିପାରୁ ନାହାଁନ୍ତି । ଲଗାତାର ଦ୍ୱିତୀୟ ଦିନର ଗଣତିରେ ବିଜେଡିର ଜୟଯାତ୍ରା ଜାରି ରହିଛି। ବିରୋଧୀ ବିଜେପି ଓ କଂଗ୍ରେସକୁ ବହୁ ପଛରେ ପକାଇ ବିଜେଡି ଆଶାତୀତ ଭାବେ ସଫଳତା ପାଇଚାଲିଛି। ଏହି ଫଳାଫଳକୁ ନେଇ ମୁହାଁମୁହିଁ ହୋଇଛନ୍ତି ଶାସକ ଓ ବିରୋଧୀ। ଏହା ଜନାଦେଶ ନୁହେଁ, ଧନାଦେଶ ବୋଲି ଆକ୍ଷେପ କରିଛନ୍ତି ବିଜେପିର ବରିଷ୍ଠ ନେତା ତଥା ସାଂସଦ ପ୍ରତାପ ଷଡଙ୍ଗୀ। ଜବାବ ଦେଇ ବିଜେଡିର ବରିଷ୍ଠ ବିଧାୟକ ପ୍ରତାପ ଦେବ କହିଛନ୍ତି ଯେ ବିରୋଧୀଙ୍କ ଏଜେଣ୍ଡାରେ ସାଧାରଣ ଲୋକଙ୍କର ସ୍ୱାର୍ଥ ନାହିଁ। ବିଜେପି ସାଂସଦ ଶ୍ରୀ ଷଡଙ୍ଗୀ କହିଛନ୍ତି ଯେ ଜନାଦେଶକୁ ଆମେ ସମ୍ମାନ କରୁଛୁ, ଯେଉଁଥିରେ ଟ୍ରେଣ୍ଡ ବିଜେଡି ସପକ୍ଷରେ ଯାଉଛି।

ପଞ୍ଚାୟତ ନିର୍ବାଚନ ଉପରେ ଗୁରୁତ୍ୱ ଦେଇପାରିଲାନି। ଏହାଛଡା ଗତଥର ଜିତିଥିବା ବିଜେପି ଜିଲ୍ଲା ପରିଷଦ ସଭ୍ୟଙ୍କୁ ପଞ୍ଚାୟତ ସ୍ତରରେ କାମ କରିବାକୁ ସୁଯୋଗ ଦିଆଗଲାନି। ଯାହାଫଳରେ ବିଜେପିର ପ୍ରଦର୍ଶନ ସେତେଟା ଭଲ ହୋଇପାରିଲାନି।

ଆଗକୁ ଏସବୁ ତ୍ରୁଟିକୁ ଦଳ ନିଶ୍ଚୟ ସୁଧାରିବ। ତେବେ ପଞ୍ଚାୟତ ନିର୍ବାଚନ ବିଜେପିର ଭବିଷ୍ୟତ ନିର୍ଣ୍ଣାୟକ ନୁହେଁ। ପଞ୍ଚାୟତ ନିର୍ବାଚନରେ ପରାଜୟର ଅର୍ଥ ନୁହେଁ ମୋଦୀଙ୍କ କ୍ରେଜ୍ କମିଗଲା । କୌଣସି ରାଜ୍ୟର ପଞ୍ଚାୟତ ନିର୍ବାଚନରେ ମୋଦୀ ମୁଣ୍ଡ ଖେଳାନ୍ତି ନାହିଁ । ବିଜେଡି ସହ ଲଢେଇ ପାଇଁ ଦିଲ୍ଲୀରୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ବିଜେଡି ଆମର ରାଜନୈତିକ ଶତ୍ରୁ । ତେଣୁ ଓଡିଶାରେ କ୍ଷମତା ଦଖଲ ପାଇଁ ଆଗାମୀ ଦିନରେ ବିଜେପି ସବୁ ପ୍ରକାର ଚେଷ୍ଟା କରିବ । ସତ୍ୟର ପ୍ରଚାର କରି ଆମେ ବିଜେଡିକୁ ଧରାଶାୟୀ କରିବୁ ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି ।ବିରୋଧୀଙ୍କୁ ଜବାବ ଦେଇ ବିଜେଡି ବିଧାୟକ ଶ୍ରୀ ଦେବ ଗଣମାଧ୍ୟମକୁ କହିଛନ୍ତି, ବିରୋଧୀ କ'ଣ ସତରେ ବିରୋଧୀଙ୍କ ଭୂମିକା ନିର୍ବାହ କରୁଛନ୍ତି। କାହିଁକି ବିରୋଧୀ ଦଳକୁ ଲୋକେ ଗ୍ରହଣ କରୁନାହାନ୍ତି। ବିରୋଧୀଙ୍କ ଏଜେଣ୍ଡା ହିଁ ପଞ୍ଚାୟତ ନିର୍ବାଚନରେ ବଡ ଭୂମିକା ସ୍ଲୋଗାନ ଭିତରେ ସୀମିତ ରହିଲେ ଏହାର ଜବାବ ଜନମତରେ ଦେଇଥାନ୍ତି ଜନତା। ଠିକ୍ ଯେମିତି ପଞ୍ଚାୟତ ନିର୍ବାଚନରେ ଦେଖିବାକୁ ମିଳିଛି। ଯେଉଁଠି ପ୍ରତିଶ୍ରୁତି ପାଳନ ହୁଏ ନାହିଁ ସେଠାରେ ଲୋକେ ପ୍ରତ୍ୟାଖାନ କରନ୍ତି । ପ୍ରତିଶ୍ରୁତି ପାଳନ କଲେ ଲୋକେ ପୁଣିଥରେ ସୁଯୋଗ ଦିଅନ୍ତି । ସେକଥା ବିଜେପି ଭଲଭାବେ ଜାଣିବା ଦରକାର। ନଚେତ ପଶ୍ଚିମ ଓଡିଶାରେ ବିଜେପିର ଏମିତି ଅବସ୍ଥା ହୋଇନଥାନ୍ତା । ଗତ ପଞ୍ଚାୟତ ନିର୍ବାଚନରେ ବିଜେପିକୁ ପଶ୍ଚିମ ଓଡିଶାରେ ଭରସି ଥିଲେ ଜନତା। ଏପରିକି ୨୦୧୯ ନିର୍ବାଚନରେ ମଧ୍ୟ ୫ ସାଂସଦଙ୍କୁ ନିର୍ବାଚିତ କରି ପଠାଇଥିଲେ। କିନ୍ତୁ ପ୍ରତିବଦଳରେ ପଶ୍ଚିମ ଓଡିଶାବାସୀଙ୍କ କେତୋଟି ପ୍ରସଙ୍ଗ ଦିଲ୍ଲୀ ଦରବାରରେ ଉଠାଇଲେ ବିଜେପି ସାଂସଦ। ଜାତୀୟ ଦଳ କିମ୍ବା ଆଞ୍ଚଳିକ ଦଳର ପ୍ରସଙ୍ଗ ନୁହେଁ ବରଂ ଜିତିବା ପରେ ଜନପ୍ରତିନିଧି ଲୋକଙ୍କ ପାଇଁ କାମ କରୁଛନ୍ତି କି ନାହିଁ ତାହାର ହିସାବ ନିକାଶ କରୁଛନ୍ତି ଜନତା। ଆଉ ଏହାର ଜବାବ ଭୋଟ୍‌ରେ ଦେଉଛନ୍ତି।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସାରା ରାଜ୍ୟର ପ୍ରିୟ ଭୋଟରମାନେ ଯେଉଁଭଳି ଭାବରେ ବିଜେଡ଼ିକୁ ଭୋଟ ଦେଇ ବିପୁଳ ସଂଖ୍ୟାରେ ଜୟଯୁକ୍ତ କରାଇଛନ୍ତି, ତାହା ଆଉ ଏକ ନୂଆ ଇତିହାସ ରଚନା କରିବ । ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ଦୁର୍ନୀତି ବିରୋଧୀ ପଦକ୍ଷେପ, ୫ଟି ସଚିବଙ୍କ ଗୋଟିଚାଳନା ଓ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକା ଦାସଙ୍କ ଅକ୍ଲାନ୍ତ ପରିଶ୍ରମ ଆଜି ଜନମାନସରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଯେଉଁଥିପାଇଁ ବିଜେଡ଼ି ପ୍ରାୟ ୮୯ ପ୍ରତିଶତ ଆସନ ଜିତି ଏକକ ସଂଖ୍ୟା ଗରିଷ୍ଠତା ଲାଭ କରି ବିରୋଧୀଙ୍କ ମୁହଁ ଚୁପ୍ କରିବାକୁ ଯାଉଛି । ଆଉ କିଛି ଦିନ ପରେ ହେବାକୁ ଥିବା ପୌର ନିର୍ବାଚନ ଏବଂ ଆସନ୍ତା ୨୦୨୪ରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ବିଜେଡ଼ିର ବାଜିମାତ୍ ଆଜିଠାରୁ ବାରି ହୋଇପଡୁଛି।

## କେନ୍ଦ୍ର ଇସ୍ପାତ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଆଲୋଚନା



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): କେନ୍ଦ୍ର ଇସ୍ପାତ ମନ୍ତ୍ରୀ ରାମଚନ୍ଦ୍ର ପ୍ରସାଦ ସିଂହ ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ନବୀନ ନିବାସ ଠାରେ ଅନୁଷ୍ଠିତ ଏହି ସାକ୍ଷାତ ଆଲୋଚନାରେ ଓଡିଶାରେ ଇସ୍ପାତ ଶିଳ୍ପର ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ଓଡିଶାରେ ଖଣିଜ ସମ୍ପଦ ଦ୍ୱାରା ରାଜ୍ୟକୁ ଦେଶର ଷ୍ଟିଲ୍ ହବ୍ କରିବାକୁ ଭିଜନ ରହିଛି।

## କେନ୍ଦ୍ର ଇସ୍ପାତ ମନ୍ତ୍ରୀ ରାମଚନ୍ଦ୍ର ପ୍ରସାଦ ସିଂଙ୍କ ୱାର୍ଲ୍ଡ ସ୍କିଲ ସେଣ୍ଟର ପରିଦର୍ଶନ

ଭୁବନେଶ୍ୱର, (ପିଆଇବି): କେନ୍ଦ୍ର ଇସ୍ପାତ ମନ୍ତ୍ରୀ ରାମଚନ୍ଦ୍ର ପ୍ରସାଦ ସିଂଙ୍କ ସମେତ ଏକ ପ୍ରତିନିଧି ଦଳ ଓଡିଶା ଗସ୍ତ କରି ୱାର୍ଲ୍ଡ ସ୍କିଲ ସେଂଟର ପରିଦର୍ଶନ କରିଛନ୍ତି। ବିଶ୍ୱସ୍ତରୀୟ ଭିତିଭୂମି ଦେଖି ସେ ନିଜର ଖୁସି ଅଭିବ୍ୟକ୍ତ କରି କହିଥିଲେ ଯେ ଆଜିର ପ୍ରତିଯୋଗିତା ବହୁଳ ଦୁନିଆରେ ଶିଳ୍ପ ସମ୍ବନ୍ଧୀୟ କୌଶଳ ଥିବା କୁଶଳୀ କର୍ମଜୀବୀଙ୍କର ଆବଶ୍ୟକତା ରହିଛି। ଏହା ଆଇଟିଆଇ ଏବଂ ପଲିଟେକ୍ନିକ୍ ଛାତ୍ରଛାତ୍ରୀଙ୍କ ସମସ୍ତ କୌଶଳ ଆବଶ୍ୟକତା ପୂରଣ କରି ସେମାନଙ୍କୁ କୁଶଳୀ କରିବ ବୋଲି କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଶ୍ରୀ ସିଂ ପରିପ୍ରକାଶ କରିଥିଲେ। ୱାର୍ଲ୍ଡ ସ୍କିଲ୍ ସେଂଟର ପରିଦର୍ଶନ କରିବା ପରେ ରାଷ୍ଟ୍ରୀୟ ଖଣିଜ ନିଗମର ସିଏମ୍‌ଡି ଶ୍ରୀ ସୁମିତ ଦେବ କହିଥିଲେ ଯେ ଯୁବପିଢିଙ୍କ ଦକ୍ଷତା ବିକାଶ ଆବଶ୍ୟକତାକୁ ପୂରଣ କରିବା ସହ ସ୍କିଲିଂ ଇକୋସିଷ୍ଟମର ଚେହେରାକୁ ବଦଳାଇବା ପାଇଁ ଓଡ଼ିଶା ସରକାର ଯେଉଁ ଅନଭୂତିଶୀଳ ଶିକ୍ଷକ ପରିବେଶ ସୃଷ୍ଟି କରିଛନ୍ତି ତାହା ନିଶ୍ଚିତ ରୂପେ ପ୍ରଶଂସନୀୟ। ଶ୍ରେଷ୍ଠ ଆଇଟିଆଇ ଏବଂ ପଲିଟେକ୍ନିକ୍ ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି କେନ୍ଦ୍ର ଏକ ଫିନିସିଂ ସ୍କୁଲ ଭାବରେ କାର୍ଯ୍ୟ କରିବା ସହିତ ଆଇଟିଆଇ ଏବଂ ପଲିଟେକ୍ନିକ୍ ଶିକ୍ଷକମାନଙ୍କ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ବିଏମସି କମିଶନର ତଥା ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ସିଇଓ ଶ୍ରୀ ସଂଜୟ କୁମାର ସିଂ କହିଥିଲେ। ଅଠର ମହଲା କୋଠାର ପ୍ରତ୍ୟେକ ମହଲା ଏକ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ ପାଇଁ ଉତ୍ସର୍ଗୀକୃତ ଏବଂ ୨୦୨୧-୨୨ ବର୍ଷ ପାଇଁ ଏୟାର କଣ୍ଡିସନର ଏବଂ ରେଫ୍ରିଜରେଜେସନ୍, ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ ସର୍ଭିସେସ୍ ଏବଂ ମେକାଟ୍ରୋନିକ୍ସ ଭଳି ତିନୋଟି ପାଠ୍ୟକ୍ରମରେ ଶିକ୍ଷାଦାନ କରାଯାଉଛି ବୋଲି ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣର ସିଇଓ ତଥା ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ରେଘୁ ଜି ପ୍ରତିନିଧି ଦଳଙ୍କୁ ସୂଚନା ଦେଇଥିଲେ। ଶ୍ରୀ ସିଂ ଏବଂ ସହଯୋଗୀମାନେ ୱାର୍ଲ୍ଡ ସ୍କିଲ ସେଂଟରର ସମସ୍ତ ଲାବ୍ ପରିଦର୍ଶନ କରିବା ସହ ପ୍ରଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ।



## ପିସିସି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ ଓ ଶ୍ରଦ୍ଧାଞ୍ଜଳୀ




ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ତଥା ବିଶିଷ୍ଟ ଆଦିବାସୀ ନେତା ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଗଭୀର ଶୋକ ପ୍ରକାଶ କରିଛି। ଆଜି ସକାଳେ ସ୍ୱର୍ଗତ ବିଶ୍ୱାଳଙ୍କ ମରଶରୀର କଂଗ୍ରେସ ଭବନ ଠାରେ ପଂହଚିବା ପରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ, ନିଖିଳ ଭାରତ କଂଗ୍ରେସ କମିଟି ସଂପାଦକ ଶ୍ରୀ ଜି. ରୁଦ୍ର ରାଜୁଙ୍କ ସମେତ ବହୁ କଂଗ୍ରେସ ନେତା ସ୍ୱର୍ଗତ ବିଶ୍ୱାଳଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନ ଠାରେ ଆୟୋଜିତ ଶୋକ ସଭାରେ ଶ୍ରଦ୍ଧାଞ୍ଜଳି ଜଣାଇ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଜି. ରୁଦ୍ର ରାଜୁ, ରାମଚନ୍ଦ୍ର ଖୁଂଟିଆ, ସୁରେଶ କୁମାର ରାଉତରାୟ, ଶରତ ପଟ୍ଟନାୟକ, ଜୟଦେବ ଜେନା, ଶରତ ରାଉତ, ଶିବାନନ୍ଦ ରାୟ, ଜଗନ୍ନାଥ ପଟ୍ଟନାୟକ, ବିଜୟଲକ୍ଷ୍ମୀ ସାହୁ, ଗିରିବାଳା ବେହେରା, ଜିଆଉଲ ହକ, ୟାସିର ନଓ୍ୱାଜ, ବାଙ୍କ ନିଧି ବେହେରା ପ୍ରମୁଖ ସ୍ୱର୍ଗତ ବିଶ୍ୱାଳଙ୍କୁ ଜଣେ ଦୃଢ଼ମନା ବ୍ୟକ୍ତିତ୍ୱ ଭାବରେ ବର୍ଣ୍ଣନା କରିଥିଲେ। ସାଂଗଠନିକ କ୍ଷେତ୍ରରେ ହେଉ ଅଥବା ପ୍ରଶାସନିକ କ୍ଷେତ୍ରରେ ହେଉ ସମସ୍ତ ଦାୟୀତ୍ୱକୁ ସେ ସାଲିସ ବିହୀନ ଭାବରେ ନିର୍ବାହ କରୁଥିଲେ। ଦଳିତ, ନିଷ୍ପେସିତ ଜନତାର ବିକାଶ ନିମନ୍ତେ ସେ ସର୍ବଦା କାର୍ଯ୍ୟ କରୁଥିଲେ। ଭୁବନେଶ୍ୱର ଏଜି ଛକ ଠାରେ ଡ. ବି. ଆର ଆମ୍ବେଦକରଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରି ସେ ଏକ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି ବୋଲି ବକ୍ତାମାନେ କହିଥିଲେ। ତାଙ୍କର ନୀତି ଓ ଆଦର୍ଶ ସଂପକରେ ଆଲୋକପାତ କରାଯାଇଥିଲା। ବୈଠକର ପ୍ରାରମ୍ଭରେ ସ୍ୱର୍ଗତ ବିଶ୍ୱାଳଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସ୍ୱର୍ଗତ ଆତ୍ମାର ସଦଗତି କାମନା କରି ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଆଜିର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ଚିନ୍ମୟ ସୁନ୍ଦର ଦାସ, ପଦ୍ମାକର ଗୁରୁ, ଅମିୟ କୁମାର ପଟ୍ଟନାୟକ, ହଳଧର ସେଠୀ, ଜ୍ଞାନଦେବ ବେଉରା, ରଶ୍ମି ମହାପାତ୍ର, ସନତ ଦାସ, ନିଶିକାନ୍ତ ମିଶ୍ର, ବିଶ୍ୱଜିତ ଦାଶ, ବିସ୍ମୟ ମହାପାତ୍ର, ସୁବ୍ରତ ମହାପାତ୍ର, ସ୍ୱାଧୀନବାଳା ଦାସ, ତୃପ୍ତି ଦାସ, ରସିକ ପଟ୍ଟନାୟକ, ଲିଙ୍ଗରାଜ ସାହୁ, ସୁଶାନ୍ତ ତ୍ରିପାଠୀ, ସତ୍ୟବ୍ରତ ନାୟକ, ମିହିର ଆଚାର୍ଯ୍ୟ, ବିଷ୍ଣୁ ଚରଣ ବାରିକ, ଜଗନ୍ନାଥ ମିଶ୍ର, ଭିମସେନ ଭୋଇ, ତାପସ ସେଠୀ, ଦୀପକ ମହାପାତ୍ର, ଶୈଳେନ୍ଦୁ ମଜମୁଦାର, ରାଜକିଶୋର ବାରିକ, ସଂକୁନା କହଁର, ସଂଜୀବ ମହାନ୍ତି, କୁସୁମ ପ୍ରଧାନ, ଉମେଶ ସ୍ୱାଇଁ, ସାଗର ପରିଡ଼ା, ଦେବେନ୍ଦ୍ର ପ୍ରସାଦ ଦାସ, ସୁଭାଷ ପ୍ରଧାନ, ରମେଶ ପାତ୍ର, ମନୋଲିଶା ଦାସ, ପ୍ରଭାବତୀ ପଟ୍ଟନାୟକ, ବୁନା ମହାନ୍ତି, ମନୋରଞ୍ଜନ କୁଣ୍ଡୁ ପ୍ରମୁଖ ବହୁ କର୍ମୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଏକାମ୍ର ସାଂସ୍କୃତିକ ପ୍ରକାଶନୀର ଜାତୀୟସ୍ତରୀୟ ଭଜନ ସମାରୋହରେ ଯୋଗଦେବେ ନାମିଦାମି କଳାକାର



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମହାଶିବରାତ୍ରି ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଲିଙ୍ଗରାଜ ଲାଇବ୍ରେରୀ ହଲରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁରେଶ କୁମାର ରାଉତରାୟ ଓ ସମ୍ପାଦକ ସନତ ମିଶ୍ର ଜାତୀୟସ୍ତରୀୟ ଏହି ଭଜନ ସମାରୋହ ଚଳିତ ବର୍ଷ ୩୩ ବର୍ଷ ପାଳନ କରିବ। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଉଦ୍ୟମ ହୋଇଛି। ମୁମ୍ବଇର ଖ୍ୟାତନାମା କଣ୍ଠଶିଳ୍ପୀ କବିତା କ୍ରୀଷ୍ଣାମୂର୍ତ୍ତି ଓ ଅନୁରାଧା ପଡ଼ୱାଲ, ସମେତ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଶାର ବହୁ ଖ୍ୟାତନାମା କଣ୍ଠଶିଳ୍ପୀ ଯୋଗ ଦେବେ। ଉକ୍ତ ଦିନ ଭୋର ୪ଟାରୁ ଶଙ୍ଖଧ୍ୱନି, ବେଦପାଠ, ଶିବ ସହସ୍ରନାମ, ଭାଗବତ,ଗୀତା ପାଠ, ଶିବ ଚେତନା, ହରି ଭଜନ, ରାମଚରିତ ପାରାୟଣ, ପ୍ରବଚନ ପ୍ରଭୃତି କରାଯିବା କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନର ସୂଚନା ଦେଇଥିଲେ ।

## ଚଳାପଥ ପକ୍ଷରୁ 'ପଞ୍ଚସତୀ ଓ ଅନ୍ୟମାନେ' ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଚଳାପଥ ପକ୍ଷରୁ ଆୟୋଜିତ ପୁସ୍ତକ ଉନ୍ମଚନ ଉତ୍ସବରେ ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କ ଦ୍ୱାରା ଲିଖିତ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷିକେଶ ମଲ୍ଲିକଙ୍କ ଦ୍ୱାରା ଲିଖିତ ମୁଖବନ୍ଧ ପୁସ୍ତକ ବହୁ ଚର୍ଚ୍ଚିତ ଖଣ୍ଡକାବ୍ୟ 'ପଞ୍ଚସତୀ ଓ ଅନ୍ୟମାନେ' ପୁସ୍ତକକୁ ଉନ୍ମୋଚନ କରି ଉତ୍ସବର ମୁଖ୍ୟ ଅତିଥି ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ କହିଲେ ଯେ, ସାରସ୍ୱତ ସ୍ରଷ୍ଟାମାନଙ୍କର ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି ପାଠକର ମନ ଓ ପ୍ରାଣକୁ ସ୍ପର୍ଶ କରିଥାଏ । ସାମ୍ପ୍ରତିକ ସମୟରେ ଲେଖକଙ୍କର ଏପରି ଖଣ୍ଡକାବ୍ୟ ଲେଖାଯିବାର ଆବଶ୍ୟକତା ରହିଛି। ପ୍ରତିଷ୍ଠିତ କବି ତଥା ବରିଷ୍ଠ ପ୍ରଶାସକ ରବିନାରାୟଣ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ବାଙ୍ଗାଲୋରର ଚନ୍ଦ୍ରଯାନ ନିର୍ମାଣ କରିଥିବା ଓଡ଼ିଆ ବୈଜ୍ଞାନିକ ଡ. କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କୁ ଚଳାପଥ ତରଫରୁ ଏହି ଉତ୍ସବର ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ମାନଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଗାଳ୍ପିକ ତଥା ଅବସର ପ୍ରାପ୍ତ ବରିଷ୍ଠ ପ୍ରଶାସକ ବିଜୟ ନାୟକ କବି ତଥା ବରିଷ୍ଠ ସାମ୍ବାଦିକ ପ୍ରମୋଦ କୁମାର ସାମନ୍ତରାୟ, ଯୁଗଶ୍ରୀ ଯୁଗନାରୀର ସମ୍ପାଦିକା ମମତା ମହାପାତ୍ର, ରମାଦେବୀ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ତଥା ଗବେଶିକା ଡ. ସଂଘମିତ୍ରା ଭଞ୍ଜ, ଡ. ଦେବାଶିଷ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସରଳ ଭାଷାର ଲେଖା ସର୍ବଦା ଲେଖକକୁ ପାଠକର ନିକଟତର କରିଥାଏ । ଚଳାପଥର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ହଳଧର ଧୀର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପୁସ୍ତକର ଲେଖିକା ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ ଉତ୍ସବର ସଫଳତା ଲାଗି ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ଉତ୍ସବରେ ପୁସ୍ତକର ପ୍ରକାଶକ ତଥା ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ସଭାପତି ବସନ୍ତ କୁମାର ମାଝି, ପ୍ରଫେସର ଡ. ଭି.ରାଜେନ୍ଦ୍ର ରାଜୁ, ସାହିତ୍ୟିକ ଦେବେନ୍ଦ୍ର ଦାସ, ରଜନୀକାନ୍ତ ପଣ୍ଡା, ସାରସ୍ୱତ ସମାଜର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ସଲୀଳା ମହାନ୍ତି, ସରୋଜଲକ୍ଷ୍ମୀ ମହାନ୍ତି, ଡ. ଶକୁନ୍ତଳା ବଳିଆରସିଂ, ଡ. ହରପ୍ରସନ୍ନ ଦାସ, ରାଜ କୁମାର ସୁତାର, ନିହାର ଶତପଥି, ଲଳିତ ପଟ୍ଟନାୟକ, ସୁଚେତା ରାଉତ, ଶୁଭ୍ରା ନନ୍ଦ, ଦୁର୍ଗାଚରଣ ଷଡଙ୍ଗୀ, ସବିତା ବେହେରା, ସସ୍ମିତା ଜେନା, ବିମଳା ସିଂ, ବାସନ୍ତୀ ଦାସ, ମନୋରମା ମିଶ୍ର ପ୍ରମୁଖ ବହୁ କବି ଓ ସାହିତ୍ୟିକ ଯୋଗ ଦେଇଥିଲେ ।

## 'ଗ୍ଲୋବାଲ ଇଣ୍ଡିଆ ଆଚିଭ୍‌ମେଣ୍ଟ' ପୁରସ୍କାରପ୍ରାପ୍ତ ବରିଷ୍ଠ ସାମ୍ବାଦିକ ରବି ରଥ ଓ ଚିକିତ୍ସାବିତ୍ ଡ଼ା. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ସମ୍ବର୍ଦ୍ଧିତ




ବ୍ରହ୍ମପୁର,(ସଂଦେଶ ବ୍ୟୁରୋ): ନୂଆଦିଲ୍ଲୀରୁ ସମ୍ମାନଜନକ ଗ୍ଲୋବାଲ ଇଣ୍ଡିଆ ଏକ୍ସଲେନ୍ସ ଆଚିଭମେଣ୍ଟ ଆୱାର୍ଡ-୨୦୨୧ରେ ସମ୍ମାନିତ ବ୍ରହ୍ମପୁର ମହାନଗରର ଦୁଇ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ବରିଷ୍ଠ ସାମ୍ବାଦିକ ତଥା 'ନବୀନ'ର ସମ୍ପାଦକ ରବି ରଥ ଓ ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡ଼ା.ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କୁ ଭଗବତ ଚାରିଟେବଲ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଶନିବାର ପୂର୍ବାହ୍ନରେ ସ୍ଥାନୀୟ ବୈକୁଣ୍ଠ ନଗରସ୍ଥିତ ସାଇ ସଦନ କଲ୍ୟାଣ ମଣ୍ଡପ ପରିସରରେ ଟ୍ରଷ୍ଟର ଅଧ୍ୟକ୍ଷ ଏସ୍.ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବର୍ଷିୟାନ ଭେଷଜ୍ ବିଶେଷଜ୍ଞ ଡ଼ା. ପି.ସି. ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ସମ୍ମାନିତ ପ୍ରତିଭାଙ୍କୁ ଉପଢ଼ୌକନ, ଫଳକ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବୈଜ୍ଞାନିକ ଡ଼. ଡ଼ମ୍ବରୁଧର ସାହୁ ଓ ବର୍ଷିୟାନ ଶିକ୍ଷାବିତ ତଥା କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଭଗବତ ଚାରିଟେବଲ ଟ୍ରଷ୍ଟର ଏଭଳି ପ୍ରତିଭା ପୂଜା କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ରଘୁନାଥ ପ୍ରସାଦ ପାଢ଼ୀ ଶର୍ମା, ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ପରିବହନ ଅଧିକାରୀ ଇଂ. ଦେବୀ ପ୍ରସାଦ ପାଢ଼ୀ, ସମାଜସେବୀ ରାମକୃଷ୍ଣ ପାତ, ଡ଼. ଗୋପାଳକୃଷ୍ଣ ପାଣିଗ୍ରାହୀ, ସବିତା ସାହୁକର, ସରିତା ପଣ୍ଡା, ସନ୍ତୋଷିନୀ ବେହେରା, ସୁଶାନ୍ତ କୁମାର କର, କପିଳ ଚନ୍ଦ୍ର ମହାନ୍ତି, ରଞ୍ଜନ କୁମାର ସାହୁ, ପବିତ୍ର କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ବି. ସତ୍ୟମ୍ ଆଚାରୀ ଭଜନ ଗାନ କରିଥିବା ବେଳେ ଶେଷରେ ସୁଶ୍ରୀ ଇଶାନୀ ପାତ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଟ୍ରଷ୍ଟର ସମସ୍ତ ସଦସ୍ୟ, ସଦସ୍ୟା ସକ୍ରିୟ ସହଯୋଗ କରିଥିଲେ।

## ନାଥୁରାମର ପ୍ରଚ଼ାର କରିବା ନ୍ୟାୟପାଳିକା ପ୍ରତି ଅବମାନନା




ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାନାୟକ ମହାତ୍ମା ଗାନ୍ଧୀ। ହିନ୍ଦୁ ମୁସଲମାନ ଏକତାର ସୂତ୍ର ଧରି ସେ ବ୍ରିଟିଶ ସରକାରର ଭାଗ କର ଓ ଭୋଗ କର ନୀତିକୁ ଅକାମୀ କରି ଆମକୁ ସ୍ୱାଧୀନତା ପ୍ରଦାନ କଲେ। ସତ୍ୟ, ଅହିଂସା, ସତ୍ୟାଗ୍ରହ, ଏକାଦଶ ବ୍ରତ ଭଳି ବିଚ଼ାରର ପ୍ରଚ଼ାର ପ୍ରସାର ମାଧ୍ୟମରେ ସେ ଭାରତୀୟ ସମାଜକୁ ଅଧିକରୁ ଅଧିକ ମହତ୍ତା ପ୍ରଦାନ କରିବାକୁ ପ୍ରୟାସ କରିଥିଲେ। ହେଲେ ଯେଉଁ ଶକ୍ତି ବ୍ରିଟିଶ ସରକାର ସହ ମିଳିତ ହୋଇ ଆମ ସ୍ୱାଧୀନତା ଆନ୍ଦୋଳନକୁ ବିଫଳ କରିବାକୁ ସଦା ପ୍ରୟାସ ଚ଼ଳାଇଥିଲେ, ସେହି ଗୋଷ୍ଠୀର ପ୍ରତୀକ ଥିଲେ ନାଥୁରାମ ଗଡସେ। କପୁର କମିଶନ ରିପୋର୍ଟ ଅନୁସାରେ ଗାନ୍ଧୀ ହତ୍ୟା ପାଇଁ ଦିଲ୍ଲୀ ଆସିବା ପୂର୍ବରୁ ସେ ପୁନେଠାରେ ବେଶ୍ୟାଗମନ କରିଥିଲେ ଓ ନିଜର ବ୍ୟାଙ୍କରେ ରହିଥିବା ସମସ୍ତ ଅର୍ଥ ନିଜ ଭାଉଜଙ୍କ ଖାତାକୁ ପଠାଇ ଦେଇଥିଲେ । ଦିନେ ହେଲେ ବ୍ରିଟିଶ ହୁକୁମତ ବିରୋଧରେ ସ୍ଲୋଗାନଟିଏ ଦେଇନଥିବା ନାଥୁରାମ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତଥା ସାବରକରଙ୍କ ନିର୍ଦ୍ଦେଶରେ ନୋଆଖାଲିରୁ ଦିଲ୍ଲୀଯାଏ ସାମ୍ପ୍ରଦାୟିକ ଅଗ୍ନି ନିର୍ବାପନରେ ମଗ୍ନ ଥିବା ୭୯ ବର୍ଷୀୟ ବୃଦ୍ଧ ଗାନ୍ଧୀ ମହାତ୍ମାଙ୍କୁ ହତ୍ୟା କରିଥିଲା। ଏହିଭଳି ଜଣେ ହତ୍ୟାକାରୀ ଗାନ୍ଧୀ ହତ୍ୟା ଅପରାଧର ବିଚ଼ାର ଲାଲ କିଲ୍ଲାର ସ୍ୱ ?ଶାଳ କୋର୍ଟରେ ହୋଇଥିଲା। ଏଥିରେ ନାଥୁରାମକୁ ଫାଶୀ ଦଣ୍ଡ ମିଳିଲା। ନାଥୁ ରାୟ ବିରୋଧରେ ପଞ୍ଜାବ ହାଇକୋର୍ଟରେ ଅପିଲ କରିବା ସତ୍ତ୍ୱେ ମାନ୍ୟବର ହାଇକୋର୍ଟ ତଳ କୋର୍ଟର ରାୟକୁ କାୟମ ରଖିଥିଲେ। ଏପରିକି ଦେଶ ସ୍ୱାଧୀନ ହୋଇଯାଇଥିବା ସତ୍ତ୍ୱେ ନିଜର ପୁରୁଣା ମିତ୍ର ବ୍ରିଟିଶ ସରକାରର କରୁଣା ପାଇବା ଆଶାରେ ପ୍ରିଭି କାଉନସିଲ ନିକଟରେ ଅପିଲ କରିଥିଲା । ହେଲେ ଅନ୍ୟ ଦେଶର କେସକୁ ବିଚ଼ାର କରିପାରିବା କ୍ଷମତା ପ୍ରିଭି କାଉନସିଲର ନଥିବା ଦର୍ଶାଇ ଏହା ଖାରଜ ହୋଇଯାଇଥିଲା। ଗାନ୍ଧୀଜୀଙ୍କ ଦୁଇ ପୁତ୍ର ମଣିଲାଲ ଓ ରାମଦାସ ମହାତ୍ମାଙ୍କ ଅହିଂସକ ବିଚ଼ାର ଆଧାରରେ ନାଥୁରାମକୁ ଫାଶୀ ନଦେବା ପାଇଁ କୋର୍ଟକୁ ନିବେଦନ କରନ୍ତେ ଭାରତର ନ୍ୟାୟ ବ୍ୟବସ୍ଥା ଆଧାରରେ ଏହି ବିଚ଼ାର ହେଉଥିବା କହି ଏହାକୁ ବି ଖାରଜ କରିଦେଇଥିଲେ। ଯେଉଁ ହତ୍ୟାକାରୀକୁ ଭାରତୀୟ ନ୍ୟାୟପାଳିକା ଦୋଷୀ ସାବ୍ୟସ୍ତ କରି ଫାଶୀ ଦେଇଥିଲା, ତାହାର ମହିମା ମଣ୍ଡନ କରିବା ଓ ତାହାକୁ ଦେଶପ୍ରେମୀ କହି ଅନ୍ୟମାନଙ୍କୁ ଦେଶଦ୍ରୋହୀ କହିବା ନ୍ୟାୟ ବ୍ୟବସ୍ଥା ପ୍ରତି ଅପମାନ। ହେଲେ ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକରେ ପୋଷ୍ଟର ମାଧ୍ୟମରେ ନାଥୁରାମର ପ୍ରଚ଼ାର କରିବାପାଇଁ ଯେଉଁ ଅପଚେଷ୍ଟା ସାମ୍ପ୍ରଦାୟିକ ଗୋଷ୍ଠୀ ଦ୍ୱାରା ଚ଼ାଲିଛି, ତାହା ଦେଶର ନ୍ୟାୟ ବ୍ୟବସ୍ଥା ପ୍ରତି ଅସମ୍ମାନ ବୋଲି ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ବିଶିଷ୍ଟ ଗାନ୍ଧୀବାଦୀ ନେତା ଡା. ବିଶ୍ୱଜିତ୍, ବିରୂପାକ୍ଷ ତ୍ରିପାଠୀ, ତୁଷାରକାନ୍ତି ମହାନ୍ତି, ରାଷ୍ଟ୍ରୀୟ ଯୁବା ସଂଗଠନ ପକ୍ଷରୁ ମାନସ ପଟ୍ଟନାୟକ, ସୂର୍ଯ୍ୟ ନାରାୟଣ ନାଥ ପ୍ରମୁଖ ଅଭିଯୋଗ କରି ଏହି ଘଟଣାରେ ସଂପୃକ୍ତ ବ୍ୟକ୍ତି ଓ ସଂଗଠନ ମାନଙ୍କ ବିରୋଧରେ ରାଜ୍ୟ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ ।

## ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କଲେ ସମାଜସେବୀ ରଂଜନ ମହାପାତ୍ର




ଭୁବନେଶ୍ୱର , (ସଂଦେଶ ବ୍ୟୁରୋ): ସାମ୍ପ୍ରତିକ ସମାଜରେ ନିଜର ଜନ୍ମ ଦିନଟିକୁ କେହି କେହି ହୋଟେଲ, ପଞ୍ଚତାରକା ହୋଟେଲ ଆଦିରେ ଧୁମ୍‌ଧାମରେ ପାଳନ କରୁଥିବା ବେଳେ ସମାଜସେବୀ ରଂଜନ କୁମାର ମହାପାତ୍ର ଜାତୀୟତାର ମହାନ୍ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଏକ ନିଆରା ଢଙ୍ଗରେ ଜନ୍ମଦିନ ପାଳନ କରିଛନ୍ତି । ତାଙ୍କର ୨୯ତମ ଜନ୍ମଦିନ ଅବସରରେ ରଂଜନ କ୍ୟାପିଟାଲ୍ ହସ୍ପିଟାଲ ବ୍ଲଡବ୍ୟାଙ୍କ ପରିସରରେ ଆୟୋଜିତ ଏକ ରକ୍ତଦାନ ଶିବିରରେ ରକ୍ତଦାନ କରି ନିଜର ଜନ୍ମଦିନକୁ ସ୍ମରଣୀୟ କରିଛନ୍ତି । ନିୟମିତ ରକ୍ତ ଆବଶ୍ୟକ କରୁଥିବା ରକ୍ତଶୂନ୍ୟତା ଭୋଗୁଥିବା ଶିଶୁ, ପୋଡ଼ାଜଳା ରୋଗୀ, ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ଏବଂ ଥାଲାମେସିଆ, ଅସହାୟ ଓ ନିରାଶ୍ରୟ ରୋଗୀମାନଙ୍କୁ ବଞ୍ଚାଇ ରଖିବା ପାଇଁ ଦୈନିକ ରକ୍ତର ଆବଶ୍ୟକତା ହୋଇଥାଏ । ତେଣୁ ରକ୍ତ ଦାନ କରି ଏହିଭଳି ରୋଗୀମାନଙ୍କ ଜୀବନ ବଞ୍ଚାଇବାକୁ ଆହ୍ୱାନ ଦେବାକୁ ସମାଜସେବୀ ରଂଜନ ଅନ୍ୟମାନଙ୍କୁ ତାଙ୍କ ଜନ୍ମଦିନରେ ପ୍ରବର୍ତ୍ତାଇଥିଲେ ।

## ଏଚ୍‌ପିସିଏଲ୍ ନୂତନ ପେଟ୍ରୋଲ ପମ୍ପ ଉଦ୍‌ଘାଟିତ




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଏଚ୍‌ପିସିଏଲ୍ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ୍ ଲିମିଟେଡ୍ ପକ୍ଷରୁ ରବିନ୍ଦ୍ର ମହାପାତ୍ର ଏଣ୍ଡ୍ କୋ ସହାୟତାରେ ନୂତନ ପେଟ୍ରୋଲ ପମ୍ପ ଉଦ୍‌ଘାଟତ ହୋଇଯାଇଛି। କଟକ ଟାଙ୍ଗୀ କଇରାପାରୀ ମୁଖ୍ୟ ରାସ୍ତାରେ ଏଚ୍‌ପିସିଏଲ୍ ପକ୍ଷରୁ ଏହି ନୂତନ ପେଟ୍ରୋଲ ପମ୍ପ ଉଦ୍‌ଘାଟତ ହୋଇଥିଲା। ରବିନ୍ଦ୍ର ଏଣ୍ଡ୍ କୋ' ର ପ୍ରୋପାଇଟର ଆଦିତ୍ୟ କୁମାର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏଚ୍‌ପିସିଏଲ୍‌ର ଇଷ୍ଟ ଜୋନ୍‌ର ଚିପ୍ ଜେନେରାଲ ମ୍ୟାନେଜର(ରିଟେଲ୍) ସିଙ୍ଗୁପାଲି ହରିପ୍ରସାଦ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଏଚ୍‌ପିସିଏଲ୍‌ର ଏରିଆ ସେଲ୍‌ସ ମ୍ୟାନେଜର ଜୟ ପ୍ରକାଶ ପ୍ରଧାନ, ଚିପ୍ ରିଜୋନାଲ ମ୍ୟାନେଜର ଭାନୁ ଶଙ୍କର ସାହୁ, ସିନିୟର ମ୍ୟାନେଜର ଫାଲଗୁନି ସାହୁ, ପିଂଟୁ ସାହୁ, ରଶ୍ମୀ ପାୟଲ ସାହୁ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତଥିଲେ। ରବିନ୍ଦ୍ର ଆଣ୍ଡ୍ କୋ'ର ନିର୍ଦ୍ଦେଶକଅରବିନ୍ଦ ମହାପାତ୍ର, ଅରୁନ୍ଧତି ମହାପାତ୍ର, ସୁଜାତା ମହାପାତ୍ର, ରଞ୍ଜିତା ମହାପାତ୍ର ଓ ଦିପାଂଶୁ ମହାପାତ୍ର ପ୍ରମୁଖ ଉପସ୍ଥିତଥିଲେ। ଏହି ପେଟ୍ରୋଲ ପମ୍ପ ଦ୍ୱାରା କଟକରୁ ଚଣ୍ଡିଖୋଲ, ବାଲେଶ୍ୱର, କୋଲକତା ଆଡ଼କୁ ଯିବା ରାସ୍ତାରେ ଲୋକଙ୍କୁ ପେଟ୍ରୋଲ ଓ ଡିଜେଲ ପାଇବାରେ ସୁବିଧା ପାଇପାରିବେ ବୋଲି କୁହାଯାଇଛି।

# ମାର୍ଚ୍ଚ ୨୪ରେ ପୌର ନିର୍ବାଚନ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟ ନିର୍ବାଚନ କମିଶନ ଶୁକ୍ରବାର ଦିନ ପୌର ନିର୍ବାଚନ ନେଇ ତାରିଖ ଘୋଷଣା କରିଛନ୍ତି । ପୌର ନିର୍ବାଚନ ମାର୍ଚ୍ଚ ୨୪ରେ ହେବ । ୨୬ ତାରିଖରେ ଭୋଟ ଗଣତି ହେବ। ଏଥିଲାଗି ଆଜିଠାରୁ ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି । ରାଜ୍ୟ ନିର୍ବାଚନ କମିସନ ଆଦିତ୍ୟ ପ୍ରସାଦ ପାଢ଼ୀ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ରାଜ୍ୟର ୧୦୬ଟି ପୌରସଂସ୍ଥା ଓ ୩ଟି ମହାନଗର ନିଗମର ମୋଟ ୪୫୮୪ଟି ବୁଥ୍ ରେ ଇଭିଏମ୍ ମାଧ୍ୟମରେ ଭୋଟ ଗ୍ରହଣ କରାଯିବ। ପୌର ନିର୍ବାଚନ ପାଇଁ ପ୍ରତ୍ୟେକ ବୁଥ୍ ରେ ଦୁଇଟି ଲେଖାଏଁ ଇଭିଏମ୍ ରହିବ। ସେଥିରୁ ଗୋଟିଏ କର୍ପୋରେଟର/କାଉନସିଲର ନିର୍ବାଚନ ପାଇଁ ଏବଂ ଅନ୍ୟଟି ଅଧ୍ୟକ୍ଷ/ମେୟର ନିର୍ବାଚନ ପାଇଁ ବ୍ୟବହୃତ ହେବ। ପୌରାଂଚଳ ଓ ଏନଏସିର ଅଧ୍ୟକ୍ଷ ପଦବୀ ଓ ମହାନଗରର ମେୟର ପଦବୀ ନିମନ୍ତେ ହଳଦିଆ ବାଲାଟ ପେପର ଏବଂ କାଉନସିଲର ଓ କର୍ପୋରେଟରଙ୍କ ପାଇଁ ଗୋଲାପୀ ରଙ୍ଗର ବାଲାଟ ପେପର ଉଦ୍ଦିଷ୍ଟ ରହିବ । ସେହିପରି ଇଭିଏମ୍ ର ଶେଷରେ ନୋଟା ବଟନ୍ ରହିବ।

ଏହି ସମସ୍ତ ପୌର ନିର୍ବାଚନ ପାଇଁ ଆସନ୍ତା ମାର୍ଚ୍ଚ ୨ରୁ ୭ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ, ମାର୍ଚ୍ଚ ୯ତାରିଖରେ ନାମାଙ୍କନ ପତ୍ର ଯାଂଚ ଓ ୧୪ତାରିଖ ଅପରାହ୍ନ ୩ଟା ସୁଦ୍ଧା ନାମାଙ୍କନ ପତ୍ର ପ୍ରତ୍ୟାହାର ଓ ସେହିଦିନ ଅପରାହ୍ନ ୫ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୪ତାରିଖ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବ । ୨୬ତାରିଖ ସକାଳ ୮ଟାରୁ ଭୋଟଗଣତି ହେବ । ଏପ୍ରିଲ ୭ତାରିଖରେ ପୌର ପରିଷଦ ଓ ଏନଏସି ଉପାଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ହେବ। ଏପ୍ରିଲ ୮ତାରିଖରେ ଡେପୁଟି ମେୟର ନିମନ୍ତେ ନିର୍ବାଚନ ହେବ।



ନିର୍ବାଚନରେ ପ୍ରାର୍ଥୀଙ୍କ ନିମନ୍ତେ ଖର୍ଚ୍ଚସୀମା ଓ ପ୍ରଚାର ନିମନ୍ତେ ପୂର୍ବରୁ ନିର୍ବାଚନ କମିଶନ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିସାରିଛନ୍ତି । ୫୦ହଜାର ପର୍ଯ୍ୟନ୍ତ ଜନସଂଖ୍ୟା ବିଶିଷ୍ଟ ଏନଏସି ଓ ପୌର ପରିଷଦର କାଉନସିଲରଙ୍କ ନିର୍ବାଚନୀ ଖର୍ଚ୍ଚ ୫୦ହଜାର ଟଙ୍କା ଓ ଅଧ୍ୟକ୍ଷଙ୍କ ପାଇଁ ୨ଲକ୍ଷ ଟଙ୍କା, ୫୦ହଜାରରୁ ୧ଲକ୍ଷ ପର୍ଯ୍ୟନ୍ତ ଜନସଂଖ୍ୟା ବିଶିଷ୍ଟ ଏନଏଏସି ଓ ପୌର ପରିଷଦର କାଉନସିଲରଙ୍କ ନିର୍ବାଚନୀ ଖର୍ଚ୍ଚ ୭୫ହଜାର ଟଙ୍କା ଓ ଅଧ୍ୟକ୍ଷଙ୍କ ସର୍ବାଧିକ ୩ଲକ୍ଷ ଟଙ୍କା, ୧ଲକ୍ଷରୁ ଉର୍ଦ୍ଧ୍ୱ ପୌର ସଂସ୍ଥାର କାଉନସିଲରଙ୍କ ପାଇଁ ୧ଲକ୍ଷ ଟଙ୍କା ଓ ଅଧ୍ୟକ୍ଷଙ୍କ ପାଇଁ ୫ଲକ୍ଷ ଟଙ୍କା ନିର୍ବାଚନ ପ୍ରଚାରରେ ଖର୍ଚ୍ଚ କରିପାରିବେ । ସେହିପରି ୩ଟି ମହାନଗର ନିଗମରେ କର୍ପୋରେଟରମାନେ ୨ଲକ୍ଷ ଟଙ୍କା ଓ ମେୟର ସର୍ବାଧିକ ୧୨ଲକ୍ଷ ଟଙ୍କା ଖର୍ଚ୍ଚ କରିବେ। ଏହାସହିତ କାଉନସିଲ/କର୍ପୋରେଟରମାନେ ସର୍ବାଧିକ ୨ଟି ଗାଡ଼ି ଓ ଅଧ୍ୟକ୍ଷ ପ୍ରାର୍ଥୀ ୪ଟି ଗାଡ଼ି, ମେୟର ପ୍ରାର୍ଥୀ ୬ଟି ଗାଡ଼ି ଓ ରାଜନୀତିକ ଦଳଗୁଡ଼ିକ ୨ଟି ଗାଡ଼ି ପ୍ରଚାରରେ ଉପଯୋଗ କରିପାରିବେ। ସେହିପରି ପ୍ରତ୍ୟେକ ପ୍ରାର୍ଥୀଙ୍କୁ ୨ଟି ଲେଖାଏଁ ସତ୍ୟପାଠ ଦେବାକୁ ପଡ଼ିବ। ଗୋଟିଏ ସତ୍ୟପାଠରେ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା, ଅପରାଧିକ କାର୍ଯ୍ୟକଳାପ ଓ ସମ୍ପତି ବିବରଣୀ ଏବଂ ଅନ୍ୟ ସତ୍ୟପାଠରେ ପ୍ରାର୍ଥୀଙ୍କର ଜଣେ ଜୀବିତ ପତ୍ନୀ ଥିବା ଓ ସନ୍ତାନ ସଂଖ୍ୟା ୨ରୁ ଅଧିକ ହୋଇନଥିବ ବୋଲି ଜଣାଇବେ।

ସେହିପରି ରାଜନୀତିକ ଦଳଗୁଡ଼ିକ ପୌରାଂଚଳ ଓ ଏନଏସିରେ ନିଜର ପ୍ରତିନିଧି ନିମନ୍ତେ ଫର୍ମ ୯ରେ ଓ ମହାନଗର ପାଇଁ ଫର୍ମ ୧୨ରେ ନିଜର ପ୍ରତିନିଧିଙ୍କ ନାଁ ୭ତାରିଖ ଅପରାହ୍ନ ସାଢ଼େ ୫ଟା ସୁଦ୍ଧା ନିର୍ବାଚନ ଅଧିକାରୀଙ୍କ ପାଖରେ ଦାଖଲ କରିବେ । ସେହିପରି ଅନ୍ୟ ୨ଟି ଫର୍ମରେ ରାଜନୀତିକ ଦଳଗୁଡ଼ିକ ପୌରାଂଚଳ ଓ ଏନଏସି ନିମନ୍ତେ ଦଳୀୟ ପ୍ରାର୍ଥୀ ତାଲିକା ଏବଂ ମହାନଗରର ପ୍ରାର୍ଥୀ ତାଲିକା ମଧ୍ୟ ୬ ତାରିଖ ସନ୍ଧ୍ୟା ସୁଦ୍ଧା ଦାଖଲ କରିବେ । ହାଇକୋର୍ଟରେ ମାମଲା ଥିବାରୁ ପୁରୀ ପୌର ପରିଷଦରେ ନିର୍ବାଚନକୁ ସ୍ଥଗିତ ରଖାଯାଇଛି । ଚଳିତଥର ପ୍ରଥମଥର ପାଇଁ ନବଗଠିତ ଚାନ୍ଦବାଲି, ଧାମନଗର, ବିଜେପୁର ଓ ରେମୁଣା ଏନଏସିରେ ନିର୍ବାଚନ କରାଯିବ। ୩ଟି ମହାନଗର ନିଗମରେ ମୋଟ ୧୪.୨୬ଲକ୍ଷ ଭୋଟର ଏବଂ ବାକି ୧୦୬ଟି ପୌରାଂଚଳରେ ପ୍ରାୟ ୨୭ଲକ୍ଷ ଭୋଟର ରହିଛନ୍ତି। ୧୦୬ଟି ପୌରାଂଚଳରେ ମୋଟ୍ ୩୦୩୦ଟି ବୁଥ୍ ଓ ୩ଟି ମହାନଗର ନିଗମରେ ୧୪୦୭ଟି ବୁଥ୍ ରହିଛି। ୩ଟି ମହାନଗର ନିଗମରେ ମୋଟ ୧୬୮ଟି ୱାର୍ଡ ଓ ୧୦୬ଟି ପୌରାଂଚଳରେ ୧୭୩୧ଟି ୱାର୍ଡରେ ଭୋଟ ଗ୍ରହଣ ହେବ।

## ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ପରଲୋକ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଶୁକ୍ରବାର ଦିନ ପରଲୋକ ହୋଇଛି । ସେ ଏକ ଘରୋଇ ହସପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା । ସେ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ । ଏ ସମ୍ପର୍କରେ ତାଙ୍କ ଝିଅ ସୁନୀତା ସୂଚନା ଦେଇଛନ୍ତି । ଉଲ୍ଲେଖନୀୟ ଯେ ୭ ଡିସେମ୍ବର ୧୯୮୯ରୁ ୫ ମାର୍ଚ୍ଚ ୧୯୯୦ ଏବଂ ୬ ଡିସେମ୍ବର ୧୯୯୯ରୁ ୫ ମାର୍ଚ୍ଚ ୨୦୦୦ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ । ସେ ରାଜ୍ୟର ଅନୁସୂଚିତ ଜନଜାତି ବର୍ଗର ମୁଖ୍ୟମନ୍ତ୍ରୀ ଥିଲେ । ସେ ବର୍ତମାନର ଝାରସୁଗୁଡ଼ା ଜିଲ୍ଲାର ବଣଜଙ୍ଗଲ ଘେରା ଠାକୁରପଡ଼ାରେ ୧୯୩୯ରେ ଜନ୍ମ ଗ୍ରହଣ କରିଥିଲ । ୨୦୦୯ରେ ସୁନ୍ଦରଗଡ଼ର ଲୋକସଭା ସାଂସଦ



ଭାବେ ନିର୍ବାଚିତ ହୋଇଥିଲେ।

**ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟାନ୍ୟ ନେତୃବୃନ୍ଦଙ୍କ ଶୋକ**

ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସ୍ୱର୍ଗତ ବିଶ୍ୱାଳଙ୍କୁ ଜଣେ ଦକ୍ଷ ଓ ଲୋକପ୍ରିୟ ରାଜନେତା ଭାବେ ବର୍ଣ୍ଣନା କରିଛନ୍ତି । ସମାଜ ର ଅବହେଳିତ ବର୍ଗର ଲୋକଙ୍କ ଉନ୍ନତି ତଥା ରାଜ୍ୟର ସାମୁହିକ ପ୍ରଗତି ପାଇଁ ତାଙ୍କର ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇବା ସହ ପରଲୋକଗତ ଆତ୍ମାର ସଦ୍ ଗତି କାମନା କରିଛନ୍ତି । କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରି ଟ୍ୱିଟ ଜରିଆରେ କହିଛନ୍ତି ଯେ - ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ନେତା ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ତାଙ୍କ ବିୟୋଗରେ ଓଡ଼ିଶା ଜଣେ ଦକ୍ଷ, ବିରଳ ଓ ଅନୁଭବୀ ରାଜନୀତିଜ୍ଞଙ୍କୁ ହରାଇଲା । ରାଜ୍ୟର ବିକାଶ ବିଶେଷ ଭାବରେ ଜନଜାତିଙ୍କ ପାଇଁ ତାଙ୍କର ବିଶେଷ ଅବଦାନ ଚିର ସ୍ମରଣୀୟ ହୋଇ ରହିବ । ଦିବଙ୍ଗତ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି ।

## ରୁଷ୍-ୟୁକ୍ରେନ ଯୁଦ୍ଧ ସମାପ୍ତି ପାଇଁ ନବନିର୍ମାଣ କୃଷକ ସଂଗଠନର ରାଜ୍ୟପାଳଙ୍କ ମାଧ୍ୟମରେ ସ୍ମାରକପତ୍ର

ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଯୁଦ୍ଧ କମ୍ବା ହିଂସା କୌଣସି ପରିସ୍ଥିତିରେ ସମସ୍ୟାର ସମାଧାନ ନୁହେଁ। ଯୁଦ୍ଧ ଓ ହିଂସା ସବୁବେଳେ ସାରା ମାନବସମାଜ ଓ ପୃଥିବୀ ପାଇଁ ବିପଦ। ଏଣୁ ଯୁଦ୍ଧ ପରିସ୍ଥିତିକୁ କେତେବେଳେ ବି ବରଦାସ୍ତ କରାଯାଇ ପାରିବ ନାହିଁ। ଏହି ବିଶ୍ୱ ଦୁଇ ଦୁଇଟି ବିଶ୍ୱଯୁଦ୍ଧ ଦେଖିଛି ଓ ତା'ର ରକ୍ତାକ୍ତ ସଂଗ୍ରାମର କୁଫଳ ଭୋଗିଛି। ତେଣୁ ମାନବ ସଭ୍ୟତା ବିକାଶର ଚରମ ସୋପାନ ଆଡ଼କୁ ଗତି କରୁଥିବା ବେଳେ ଯୁଦ୍ଧ କରି ଲକ୍ଷ ଲକ୍ଷ ନରନାରୀଙ୍କୁ ମୃତ୍ୟୁ ମୁହଁକୁ ଠେଲିଦେବା ଓ ସାରା ବିଶ୍ୱକୁ ଯୁଦ୍ଧର ଆତଙ୍କ ଭିତରକୁ ଠେଲିଦେବାକୁ ନବନିର୍ମାଣ କୃଷକ ସଂଗଠନ ବିରୋଧ କରିଛି। ଆମେ ଯୁଦ୍ଧ ନୁହଁ, ଶାନ୍ତି ଋହୁଁ। ସମାଧାନର ରାସ୍ତା ଯୁଦ୍ଧ ନୁହେଁ, ସ୍ଥାୟୀ ବିଶ୍ୱଶାନ୍ତି ଆମର ଦାବି, ବିଶ୍ୱକୁ ଯୁଦ୍ଧ ମୁହଁକୁ ଠେଲିବା ବନ୍ଦ କର ସ୍ଲୋଗାନମାନ ଦେଇ ନବନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତାମାନେ ଭୁବନେଶ୍ୱର ମାଷ୍ଟର






କ୍ୟାଣ୍ଟିନରୁ ପିଏମ୍‌ଜି ଆଡ଼କୁ ଶୋଭାଯାତ୍ରାରେ ଯାଇଥିଲେ। ଶୋଭାଯାତ୍ରାକାରୀଙ୍କୁ ଉଦ୍‌ବୋଧନ ଦେଇ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଥିଲେ ଯେ, ଯୁଦ୍ଧ ବିରୁଦ୍ଧରେ ତମାମ ଦୁନିଆରେ ଜନମତ ସଂଗଠିତ ହେବା ଦରକାର। ଶାନ୍ତି ସପକ୍ଷରେ ଜନମତ ଅଧିକ ସଂଗଠିତ ହେଲେ ରୁଷ୍ ଉପରେ ନୈତିକ ଋପ ପଡ଼ିବ। ସେହିଭଳି ନାଟୋ ଠାରୁ ୟୁଏନ୍‌ଏ ପର୍ଯ୍ୟନ୍ତ ସମସ୍ତେ ଯୁଦ୍ଧ ବିରତି ପାଇଁ ତତ୍ପର ହେବାର ଆବଶ୍ୟକତା ଅଛି। ଭାରତର ଭୂମିକା ନେଇ ରାଜ୍ୟପାଳଙ୍କ ମାଧ୍ୟମରେ ଭାରତର ରାଷ୍ଟ୍ରପତିଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି।

ଏହି ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ପ୍ରଧାନମନ୍ତ୍ରୀ ଯୁଦ୍ଧ ବିରତି ପାଇଁ ସକରାତ୍ମକ ଭୂମିକା ନିଭାଇବାକୁ ଅନୁରୋଧ କରାଯାଇଛି। ରୁଷିଆର ୟୁକ୍ରେନ ଉପରେ ଆକ୍ରମଣ ଓ ୟୁକ୍ରେନରେ ନାଟୋ, ଆମେରିକାର କୁଟନୀତି କ୍ଷତି କରୁଛି, ରୁଷିଆ ତୁରନ୍ତ ଯୁଦ୍ଧ ବନ୍ଦ କରୁ, ନାଟୋ ଓ ଆମେରିକା ୟୁକ୍ରେନକୁ ନେଇ ରାଜନୈତିକ କୁଟନୀତି ବନ୍ଦ କରନ୍ତୁ, ୟୁକ୍ରେନର ସାର୍ବଭୌମ ଓ ବ୍ୟକ୍ତି ସ୍ୱାଧୀନତା ରକ୍ଷା କରାଯାଉ, ଯୁଦ୍ଧ ସମାଧାନର ମାଧ୍ୟମ ନୁହେଁ। ସମାଧାନର ଏକମାତ୍ର ରାସ୍ତା ଶାନ୍ତି ଓ ଅହିଂସା। ଅହିଂସା ରାସ୍ତାରେ ଭାରତର ଅବଦାନ ମହତ୍ତ୍ୱପୂର୍ଣ୍ଣ ହୋଇଥିବାରୁ ରୁଷିଆ ଉପରେ କିଭଳି ଋପ ପ୍ରୟୋଗ କରାଯିବ, ସେଥିପାଇଁ ପ୍ରଧାନମନ୍ତ୍ରୀ ଗୁରୁତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତୁ। ଆଜିର ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ନବନିର୍ମାଣ କୃଷକ ସଂଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସହ ସଂଯୋଜକ ଉମାକାନ୍ତ ଭାରତ, ନିମାଇଁ ରାୟ, ଯୁବଛାତ୍ର ସଂଯୋଜକ ମନୱର ଅଲ୍ଲୀ, ଦୀନେଶ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ସପ୍ତମ ବେତନ ଦାବିରେ ୨୦୧୮ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ବୈଠକ




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ୨୦୧୮ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀ ସଂଘର ଏକ ରାଜ୍ୟସ୍ତରୀୟ ବୈଠକ ରାଜ୍ୟ ସଭାପତି ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତିଙ୍କ ସଭାପିତ୍ୱରେ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡ଼େମୀଠାରେ ଅନୁଷ୍ଠିତ ହେବା ସହ ୨୦୧୮ ଅନୁଦାନ ଅଧିନସ୍ଥ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ତୁରନ୍ତ ସପ୍ତମ ବେତନ ଲାଗୁ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଛି। ୨୦୧୭ ମସିହାରେ ବ୍ଲକ ଗ୍ରାଣ୍ଟ ଉଚ୍ଛେଦ ସମୟରେ ତ୍ରୁଟିପୂର୍ଣ୍ଣ ଭାବେ ବଞ୍ଚିତ ହୋଇଥିବା ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ୨୦୧୮ ମସିହାରେ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଅନୁଦାନ ନିର୍ଦ୍ଦେଶନାମା ଘୋଷଣା କରିଥିଲେ ଏବଂ ସେଥିରେ ଉଲ୍ଲେଖ ଥିଲା ଯେ, ୨୦୧୭ ଅନୁଦାନ ଅଧିନସ୍ଥ ଅଧ୍ୟାପକ ଓ କମଚାରୀମାନଙ୍କ ପାଇଁ ଯେତେବେଳେ ଦରମା ବୃଦ୍ଧି ନିଷ୍ପତ୍ତି ନିଆଯିବ ହେବ ତାହା ଅନୁପାତିକ ହାରରେ ୨୦୧୮ ଅନୁଦାନପ୍ରାପ୍ତ ବର୍ଗ ପାଇଁ ଲାଗୁ ହେବ। କିନ୍ତୁ ପରିତାପର ବିଷୟ ଏହିକି ଯେ, ବହୁ ଆନ୍ଦୋଳନ ଓ ଆଲୋଚନା ପରେ ରାଜ୍ୟ ସରକାର କ୍ୟାବିନେଟରେ ତା ୩୧.୧୨.୨୦୨୧ରିଖ ଦିନ ଏକ ନିଷ୍ପତ୍ତି ନେଲେ। ସେହିଦିନ ପର୍ଯ୍ୟନ୍ତ ଶତ ପ୍ରତିଶତ ଦରମା ପାଉଥିବା ଅଧ୍ୟାପକ ଓ କର୍ମଚାରୀମାନେ ସପ୍ତମ ବେତନ ପାଇବେ ବୋଲି ନିଷ୍ପତ୍ତି ନିଆଗଲା। ଦୁର୍ଭାଗ୍ୟବଶତଃ ୨୦୧୮ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀମାନେ ୧.୧.୨୦୨୨ରିଖରେ ଶତ ପ୍ରତିଶତ ଦରମା ପାଇବା ପାଇଁ ଯୋଗ୍ୟ ହୋଇଥିଲେ ସୁଦ୍ଧା ୬ ଘଣ୍ଟା ଅନ୍ତର ପାଇଁ ସପ୍ତମ ବେତନ ପାଇବାରୁ ବଞ୍ଚିତ ହୋଇଛନ୍ତି।

ବୈଠକରେ ସମଗ୍ର ରାଜ୍ୟରୁ ଯୋଗ ଦେଇଥିବା ଅଧ୍ୟାପକ ଓ କର୍ମଚାରୀ ପ୍ରତିନିଧିମାନେ ସରକାର ତୁରନ୍ତ ତ୍ରୁଟିପୂର୍ଣ୍ଣ ସପ୍ତମ ବେତନ ଘୋଷଣା ସଂଶୋଧନ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ। ଅତୀତରେ ୪୦, ୬୦, ୭୫ ପ୍ରତିଶତ ଭଳି ଦୁଃଖଦପୂର୍ଣ୍ଣ ଦରମା ପାଇ ଆସିଥିବା ବେଳେ ଏହିବର୍ଗଙ୍କ ପାଇଁ ସରକାରଙ୍କ ନିଷ୍ପତ୍ତି ଏକ ନିରାଶାର ବାତାବରଣ ସୃଷ୍ଟି କରିଛି। ସଂଘ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଉଚ୍ଚଶିକ୍ଷା ଶାସନ ସଚିବଙ୍କୁ ଦାବି ସମ୍ବନ୍ଧରେ ଅବଗତ କରିବା ସହିତ ନ୍ୟାର୍ଯ୍ୟଦାବି ପୂରଣ ପାଇ ନିବେଦନ କରାଯାଇଛି।

## ଡିଏଭି କଳିଙ୍ଗନଗରରେ ବିଶ୍ୱ ମାତୃଭାଷା ଦିବସ ପାଳିତ

## ମାତୃଭାଷା ଭାବ ପ୍ରକାଶର ସର୍ବୋତ୍ତମ ମାଧ୍ୟମ




ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ନିଜ ମାତୃଭାଷା ଉପରେ ଦଖଲ ରଖିପାରିଲେ ହିଁ ଯେ କୌଣସି ଭାଷାରେ ନିଜର ଭାବକୁ ସୁନ୍ଦର ଭାବରେ ପରିପ୍ରକାଶ କରାଯାଇପାରିବ ବୋଲି ଡିଏଭି କଳିଙ୍ଗନଗରଠାରେ ବିଶ୍ୱ ମାତୃଭାଷା ଦିବସ ପାଳିତ ଅବସରରେ ମତପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ଉତ୍ସବରେ ଅଧ୍ୟକ୍ଷତା କରି ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିପିନ କୁମାର ସାହୁ ବିଶ୍ୱ ମାତୃଭାଷାର ସୁରକ୍ଷା ଓ ସମୃଦ୍ଧି କରିବା ସହ ଏହାର ପ୍ରଚାର ଓ ପ୍ରସାର ଉପରେ ମଧ୍ୟ ଧ୍ୟାନ ଦେବା ପାଇଁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମାତୃଭାଷା ପ୍ରୀତି ଉଦ୍ରେକ କରିବା ପାଇଁ କବିତା ଆବୃ୍ତି, ସମ୍ବାଦ ପାଠ, ସ୍ଲୋଗାନ ଲିଖନ ପ୍ରତିଯୋଗିତା ଓ ସାହିତ୍ୟିକଙ୍କ କୃ୍ତି ଓ କୃତିତ୍ୱ ଉପରେ ଆଲୋଚନା କରାଯାଇଥିଲା । ବିଦ୍ୟାଳୟର ଓଡ଼ିଆ ବିଭାଗ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ଓଡ଼ିଆ ଭାଷାରେ "ଆମରି ମା ଓଡ଼ିଶା.... ଓଡ଼ିଆ ଆମ ଭାଷା" ସଂଗୀତ ପରିବେଷଣ ସହ ମାତୃଭାଷା ଦିବସ ପାଳନର ଆଭିମୁଖ୍ୟ ଅଭିଭାଷଣରେ ବ୍ୟକ୍ତ କରାଯାଇଥିଲା ।

## ନକଲି ଡାକ୍ତର ବିରୁଦ୍ଧରେ ୧୪ରୁ ଅଧିକ ମାମଲା

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ନକଲି ଡାକ୍ତର ସାଜି ଲୋକଙ୍କୁ ଠକିଥିବା ରମେଶ ସ୍ୱାଇଁଙ୍କ ବିରୋଧରେ ଆସିଥିବା ଅଭିଯୋଗ ବିରୋଧରେ ରାଜ୍ୟ ବାହାରକୁ ଯିବ କମିସନରେଟ୍ ପୁଲିସ। ରମେଶଙ୍କ ନାଁରେ ବିଭିନ୍ନ ଥାନାରେ ୧୪ରୁ ଅଧିକ ମାମଲା ରହିଛି। ବିବାହ କରି ଠକେଇ, ଚାକିରି କରେଇ ଦେବା ନାରେ ଠକେଇ , କୋଭିଡ ମ୍ୟାନେଜମେଣ୍ଟରେ ବି ଅନେକ ଲୋକଙ୍କୁ ଠକିଛନ୍ତି ରମେଶ। ବର୍ତ୍ତମାନ ସୁଦ୍ଧା ଦେଢ଼ କୋଟି ଟଙ୍କାର ଠକେଇ ଅଭିଯୋଗ ରମେଶଙ୍କ ନାଁରେ। ବ୍ୟାଙ୍କ କର୍ମଚାରୀଙ୍କ ସହ ଚାଟାର୍ଡ ଆକାଉଣ୍ଟାଣ୍ଟ, ସାଇବର ଅଧିକାରୀମାନେ ପିଙ୍କ ଟିମକୁ ତଦନ୍ତରେ ସହଯୋଗ କରିବେ। ଠକ ଜଣକ କେବଳ ଓଡିଶାରେ ନୁହେଁ ଅନ୍ୟ ରାଜ୍ୟର ମହିଳାମାନଙ୍କୁ ମଧ୍ୟ ବିବାହ କରିଛି ଏବଂ ଲକ୍ଷାଧିକ ଟଙ୍କା ଠକିଛି। ଗିରଫ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ୍ ନାମଂଜୁର ହେବାରୁ ତାକୁ ବିଚାରବିଭାଗୀୟ ହାଜତକୁ ପଠାଯାଇଛି। ଡିସିପି ଉମାଶଙ୍କର



ଦାଶ କହିଛନ୍ତି କମିଶନରେଟ୍ ପୋଲିସ ଦିଲ୍ଲୀର ଜଣେ ସ୍କୁଲ ଶିକ୍ଷୟତ୍ରୀ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଥିଲେ ଯେ ଅଭିଯୁକ୍ତ ତାଙ୍କୁ ଗତ ୨୦୧୮ ମସିହାରେ ନୂଆଦିଲ୍ଲୀର ଆର୍ଯ୍ୟ ସମାଜ ମଣ୍ଡଳ, ଜନକପୁରୀରେ ବିବାହ କରିଥିଲେ ଏବଂ ବିବାହ ପରେ ତାଙ୍କୁ କିଛିଦିନ ପାଇଁ ଭୁବନେଶ୍ୱର ଆଣି ରଖିଥିଲେ। ପରେ ସେ ଜାଣିବାକୁ ପାଇଥିଲେ ଯେ ସେହି ବ୍ୟକ୍ତି ଜଣକ ତାଙ୍କୁ ନିଜର ମିଥ୍ୟା ପରିଚୟ ଦେଇଛନ୍ତି ଏବଂ ଏହା ପୂର୍ବରୁ ଅନେକ ମହିଳାଙ୍କୁ ମଧ୍ୟ ସେ ବିବାହ କରିଛନ୍ତି। ତେଣୁ ସେ ମହିଳା ଥାନାରେ ଏତଲା ଦାଏର କରିଥିଲେ।

## ଭିଜିଲାନ୍ସ ଜାଲରେ ଏଏସଆଇ, ଏକକାଳୀନ ୬ଟି ସ୍ଥାନରେ ରେଡ

କଟକ,(ସଂଦେଶ ବ୍ୟୁରୋ): ଭିଜିଲାନ୍ସ ଜାଲରେ ପୁଣି ଜଣେ ସରକାରୀ ବାବୁ । ଓଡିଶା ମୋଟର ଭେଇକିଲ ଡିପାର୍ଟମେଣ୍ଟର ଏଏସଆଇ ହରେକୃଷ୍ଣ ନାୟକଙ୍କ ବାସ ଭବନ ସମେତ ଏକକାଳୀନ ୬ଟି ସ୍ଥାନରେ ଚଢ଼ାଉ କରିଛି ଭିଜିଲାନ୍ସ ଟିମ । କଟକ , ଝାରସୁଗୁଡ଼ା, ପୁରୀ, ଗଞ୍ଜାମ ଆଦି ୬ଟି ସ୍ଥାନରେ ଚଢ଼ାଉ କରାଯାଇଛି । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ ଏହି ଚଢ଼ାଉ କରିଛି । ଏହି ରେଡରେ ୩ ଜଣ ଡିଏସପି, ୧୦ ଇନ୍ସପେକ୍ଟର ଓ ଅନ୍ୟ ଜଣେ ଅଫିସର ସାମିଲ ହୋଇଛନ୍ତି । ତେବେ ଏହି ଚଢ଼ାଉ ବେଳେ ୪ ଲକ୍ଷ ୪୬ ହଜାର ଟଙ୍କା ଜବତ କରାଯାଇଛି ।



ମନୋଜବଂ
ମାରୁତତୁଲ୍ୟବେଗଂ
ଜିତେନ୍ଦ୍ରିୟଂ ବୁଦ୍ଧିମତାଂ
ବରିଷ୍ଠମ୍ ।
ତ୍ବଜଂ ବାନରଯୁଥମୁଖ୍ୟଂ
ଶ୍ରୀରାମଦୂତଂ ଶରଣଂ
ପ୍ରପଦ୍ୟେ ॥

ସମ୍ପାଦକୀୟ

## ଜଳବାୟୁ ଉପରେ ଶିକ୍ଷାଦାନ ହେଉ

ଏହା ସତ୍ୟ ଯେ, ମାନବ ସମାଜ ପ୍ରକୃତି ଉପରେ ଯେତିକି ଯେତିକି ଅତ୍ୟାଚାର କରୁଛି, ପ୍ରକୃତିର କୋପ ସେତିକି ସେତିକି ଭୟଙ୍କର ହେଉଛି। ଏହାର ସଦ୍ୟତମ ଉଦାହରଣ ହେଉଛି ଆମେରିକା, ଫିଲିପାଇନସ୍‌ରେ ସାମୁଦ୍ରିକ ଝଡର ତାଣ୍ଡବ। ଭାରତର କେତେକ ରାଜ୍ୟରେ ଅଦିନିଆ ଝଡ ବର୍ଷା। କହିବା ବାହୁଲ୍ୟ ଯେ, ପ୍ରକୃତିର କ୍ଷୟ, ଗତିରୋଧର ପ୍ରଭାବ ସିଧାସଳଖ ଜଳବାୟୁ, ପରିବେଶ ଉପରେ ପଡୁଛି। ଜଳବାୟୁ ପରିବର୍ତ୍ତନ ସହ ବିଶ୍ୱତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ପ୍ରକୃତିର ଭାରସାମ୍ୟ ଦୃଷ୍ଟିରୁ ଆମ ଦେଶରେ ମୁଖ୍ୟତଃ ତିନୋଟି ଋତୁ ଆମେ ଅନୁଭବ କରିଥାଉ। ଖରା, ବର୍ଷା ଓ ଶୀତ ଋତୁ। ଯାହାକି ଚାରିମାସ ପର୍ଯ୍ୟନ୍ତ ଅନୁଭବ ହୋଇଥାଉ। ଏବେ ଏଥିରେ ଆଉ ସନ୍ତୁଳନ ରହୁନାହିଁ। ଶୀତର ପ୍ରକୋପ କମୁଥିବା ବେଳେ ଖରା ଓ ବର୍ଷାର ପ୍ରକୋପ ବଢିଚାଲିଛି। ସମୁଦ୍ରରେ ବାରମ୍ୱାର ଲଗୁଚାପ ସହ ସାମୁଦ୍ରିକ ଝଡ ସୃଷ୍ଟି ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଆମ ରାଜ୍ୟ ଚଳିତ ବର୍ଷ ଦୁଇ ଦୁଇଟି ଅଦିନିଆ ସାମୂଦ୍ରିକ ଝଡର ସମ୍ମୁଖୀନ ହୋଇଥିବା ବେଳେ ବଙ୍ଗୋପସାଗରରେ ୧୫ଟି ପାଖାପାଖି ଲଘୁଚାପ ସୃଷ୍ଟି ହୋଇଛି। କେବଳ ଏତିକି ବର୍ଷା ଦିନେ ଅନିୟମିତ ବର୍ଷା ଯୋଗୁଁ ମରୁଡି ଓ ଅତିବୃଷ୍ଟି ଯୋଗୁଁ ବନ୍ୟାର ତାଣ୍ଡବ ସୃଷ୍ଟି ହୋଇଛି। ସେହିପରି ଅଦିନରେ ହିମାଳୟରେ ବରଫ ତରଳି ଧ୍ୱଂସର ତାଣ୍ଡବ ସୃଷ୍ଟି କରିବା ସହ ନିକଟରେ ହିମାଳୟରେ ଏକ ଗ୍ଲାସିୟର ତାର ଗତିପଥ ପରିବର୍ତ୍ତନ କରିଥିବା ରିପୋର୍ଟ ପ୍ରକାଶ ପାଇଛି। ଆହୁରି ମଧ୍ୟ ପରିବେଶ ଧ୍ୱଂସ ଯୋଗୁଁ ବାୟୁ ପ୍ରଦୁଷଣ ଏବେ ଉଗ୍ର ରୂପ ନେଇଛି। ଯେଉଁ ବାୟୁ, ଜଳ ମଣିଷ ତଥା ଜୀବଜଗତ ପାଇଁ ଅମୃତସମାନ, ଜୀବନ ରକ୍ଷା କରେ, ଏବେ ବିଷ ପାଲଟିବା ସହ ଜୀବନ ନେଉଛି। ଦିଲ୍ଲୀର ବାୟୁ ପ୍ରଦୁଷଣ ଏହାର ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଇପାରେ। ବର୍ତ୍ତମାନର ଅଚିହ୍ନା ବ୍ୟାଧି 'କୋରୋନା' ଏବେ ସମଗ୍ର ବିଶ୍ୱକୁ ଗ୍ରାସ କରିଛି। ଗତ ଦୁଇବର୍ଷ ଧରି ମହାମାରୀ କୋରୋନା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିବା ବେଳେ, କେବେ ତା'ର ଅନ୍ତ ଘଟିବ, ପୃଥୀବୀ ପୃଷ୍ଠରୁ ବିଦାୟ ନେବ ତାହା କେହି କହିପାରିବେ ନାହିଁ। ଏହା ନିଶ୍ଚିତ ଯେ, ବିଜ୍ଞାନ ବଳରେ ମାନବ ସମାଜ ଏବେ ବଳିୟାନ। ବିଜ୍ଞାନକୁ ଉପଯୋଗ କରି ମାନବସମାଜ ପ୍ରକୃତି ଉପରେ ଅତ୍ୟାଚାର କରି ଚାଲିଛି। ବିକାଶ ନାମରେ ପ୍ରକୃତିକୁ ବିନାଶ କରିଚାଲିଛି। ଅବାଧ ଜଙ୍ଗଲ ଧ୍ୱଂସ ସାଙ୍ଗକୁ ଆଖିବୁଜା ବୃକ୍ଷ କାଟି ଚାଲିବା ପାଇଁ ଜଳ, ସ୍ଥଳ ଓ ଆକାଶରେ ବିବର୍ତ୍ତନ ଦେଖାଦେଇଛି। ଜଳ ଜହର ପାଲଟିଥିବା ବେଳେ ବାୟୁ ବିଷାକ୍ତ ହୋଇଛି। ସ୍ଥଳ ଭାଗର ସ୍ଥିତି ମଧ୍ୟ ଟଳମଳ। ବାୟୁମଣ୍ଡଳ ଦୂଷିତ ହେବା ସହ ଉତାପ ବଢିଚାଲିଛି, ପାଣିପାଗରେ ଅନେକ ପରିବର୍ତ୍ତନ ଘଟିଛି। ଯାହାକି ପ୍ରାକୃତିକ ବିପର୍ଯ୍ୟାୟ ତଥା ପ୍ରଳୟର ପୂର୍ବାଭାଷ ବୋଲି କହିଲେ ହୁଏତ ଭୁଲ ହୋଇନପାରେ। ବିଶ୍ୱ ତାପମାତ୍ରା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ବାୟୁମଣ୍ଡଳ ଦୂଷିତ ନେଇ ମାନବ ସମାଜ, ସମଗ୍ର ବିଶ୍ୱ ଏବେ ଉଦବିଗ୍ନ। ଏହାର ନିୟନ୍ତ୍ରଣ ପାଇଁ ଆନ୍ତର୍ଜାତିକ ସ୍ତରରେ ସମ୍ମିଳନୀ ହେଉଛି, ମାତ୍ର କୌଣସି ଠୋସ୍ ନିଷ୍ପତି ନିଆଯାଉନାହିଁ। ବିକଶିତ ରାଷ୍ଟ୍ରଗୁଡିକର ଅନାଗ୍ରହ ଏଥିପ୍ରତି ମୁଖ୍ୟ ପ୍ରତିବନ୍ଧକ ସାଜିଛି।

## ନୀତିବାଣୀ

ଏକଥା ଶୁଣି ମାଆ ଯଶୋଦା କୃଷ୍ଣଙ୍କ ହାତ ଧରି କହିଲେ, "ହେ କୃଷ୍ଣ, ତୁ କାହିଁକି ଭୁଲ କରି ମାଟି ଖାଇଲୁ ? ଦେଖ ବଳରାମଙ୍କ ସହ ତୋର ସମସ୍ତ ସାଙ୍ଗସାଥୀଗଣ କହୁଛନ୍ତି ।' ମାଆଙ୍କୁ ଡରି କୃଷ୍ଣ କହିଲେ, "ହେ ମାଆ, ବଳରାମଙ୍କ ସହ ଏସବୁ ପିଲାଏ ମୋ ନାଁରେ ମିଛ କହୁଛନ୍ତି, ମୁଁ ମାଟି ଖାଇନାହିଁ। ବଡ଼ ଭାଇ ବଳରାମ ଆଜି ମୋ ସାଥବରେ ଖେଳୁଥିଲା ବେଳେ ଖୁବ୍ ରାଗିଗଲେ ତେଣୁ ସେ ଅନ୍ୟ ପିଲାମାନଙ୍କ ସାଥିରେ ଯୋଗ ଦେଇ ମୋ ବିରୁଦ୍ଧରେ ଆପତ୍ତି କରୁଛନ୍ତି । ସେମାନେ ସମସ୍ତେ ଏକାଠି ହୋଇ ତୁମ ଆଗରେ ମୋ ବିରୁଦ୍ଧରେ ଆପତ୍ତି କରୁଛନ୍ତି, ଯେପରିକି ତୁମେ ମୋ ଉପରେ ରାଗିବ ଓ ମୋତେ ଗାଳିଦେବ । ଯଦି ତୁମେ ଭାବୁଛ ଯେ, ସେମାନେ ସତ କହୁଛନ୍ତି, ତେବେ ତୁମେ ମୋ ପାଟି ଦେଖିପାର, ମୁଁ ମାଟି ଖାଇଛି କି ନାହିଁ । 'ମା ଉତ୍ତର ଦେଲେ ଆଚ୍ଛା ଯଦି ତୁ ମାଟି ନଖାଇଛୁ, ତେବେ ତୁ ପାଟି ମେଲାକର, ମୁଁ ଦେଖିବି ।' ମାଆ ଯଶୋଦାଙ୍କ ଆଦେଶ ପାଇ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ଏକ ସାଧାରଣ ବାଳକଙ୍କ ପରି ସାଙ୍ଗେ ସାଙ୍ଗେ ପାଟି ମେଲା କରି ଦେଖାଇଦେଲେ । ମାଆ ଯଶୋଦା ତାଙ୍କ ପାଟି ମଧ୍ୟରେ ସୃଷ୍ଟିର ପୂର୍ଣ୍ଣ ବୈଭବ ଦେଖିବାକୁ ପାଇଲେ । ସେ ଦେଖିଲେ ଚତୁର୍ଦ୍ଦିଗରେ ସମଗ୍ର ବାହ୍ୟାକାଶ, ପର୍ବତ, ଦ୍ୱୀପ, ମହାସାଗର, ସାଗର, ଗ୍ରହ, ଉପଗ୍ରହ, ଚନ୍ଦ୍ର, ନକ୍ଷତ୍ର, ବାୟୁ ଏବଂ ଅଗ୍ନି । ଚନ୍ଦ୍ର ଓ ନକ୍ଷତ୍ର ସହିତ ସେ ମଧ୍ୟ ଦେଖିଲେ ସମଗ୍ର ଭୌତିକ ପଦାର୍ଥ, ଜଳ, ଆକାଶ ଏବଂ ସମଗ୍ର ଅହଁକାର ସହିତ ପରିବ୍ୟାପ୍ତ ଅନ୍ତରୀକ୍ଷ । ଆହୁରି ମଧ୍ୟ ସେ ଦେଖବଲେ ସେଠାରେ ଅଛନ୍ତି ଇନ୍ଦ୍ରିୟର ନିୟନ୍ତା, ଇନ୍ଦ୍ରିୟଜାତ ପଦାର୍ଥ, ସମଗ୍ର ଦେବତା, ଶବ୍ଦ, ରୂପ, ରସ, ଗନ୍ଧ ଆଦି ଇନ୍ଦ୍ରିୟଭୋଗ୍ୟ ବସ୍ତୁ ଏବଂ ଭୌତିକ ପ୍ରକୃତିର ତ୍ରିଗୁଣ । ସେ ମଧ୍ୟ ତାଙ୍କ ପାଟିରେ ଦେଖିପାରିଲେ ଯେ, ସେଠାରେ ଅଛନ୍ତି ସମସ୍ତ ଜୀବ, ଅକ୍ଷୟକାଳ, ଭୂତପ୍ରକୃତି, ଚିଦ୍‌ପ୍ରକୃତି, କର୍ମ ପ୍ରବାହ, ଚେତନା ଏବଂ ସମଗ୍ର ସୃଷ୍ଟିର ବିଭିନ୍ନ ରୂପ । ଏ ଦୃଶ୍ୟମାନ ଜଗତରେ ଯାହାସବୁ ଅଛି ଏବଂ ଏ ଦୃଶ୍ୟ ଜଗତ ନିମିତ୍ତ ଯାହାସବୁ ଆବଶ୍ୟକ ସବୁ ତାଙ୍କ ପାଟିରେ ଅଛି । ସେ ମଧ୍ୟ ତାଙ୍କ ପାଟିରେ ଦେଖିଲେ ଯେ, ସେ ନିଜେ କୃଷ୍ଣଙ୍କୁ କୋଳରେ ଧରି ସ୍ତନ୍ୟପାନ କରାଉଛନ୍ତି । ଏସବୁ ଦେଖି ସେ ବଡ଼ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ଭାବିବାକୁ ଲାଗିଲେ ସେ ସ୍ୱପ୍ନ ଦେଖୁଛନ୍ତି ନାଁ ବାସ୍ତବରେ କିଛି ଅସାଧାରଣ ଦୃଶ୍ୟ ଦେଖୁଛନ୍ତି ।

# ମହାଶକ୍ତି 'ଶିବ'ଙ୍କ ଗହନ ତତ୍ତ୍ୱ



ପ୍ରଦୀପ ସେନାପତି
ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର- ୨
ମୋ : ୯୪୩୮୪୪୬୫୭୫



ଶିବ କହିଲେ ଆମେ ସାଧାରଣତ ଶୁଭ ବା ମଙ୍ଗଳକୁ ବୁଝିଥାଉ ଓ ମସ୍ତକରେ ଜଟାଜୁଟର ଅନ୍ତରାଳରେ ଗଙ୍ଗା, ଲଲାଟରେ ଅର୍ଦ୍ଧଚନ୍ଦ୍ର ଓ ତୃତୀୟନେତ୍ର, ଗଳାରେ ସର୍ପଧାରଣ, କଟିରେ ଗଜାଜିନ, ହସ୍ତରେ ତ୍ରିଶୁଳ ଓ ଅକ୍ଷମାଳା ଧାରଣ କରି ଧ୍ୟାନସ୍ଥ ମୁଦ୍ରାରେ ବସିଥିବା ମହାଦେବଙ୍କ ମୂର୍ତ୍ତୀକୁ ପୂଜା ବା ସ୍ମରଣ କରିଥାଉ। ତେବେ ଏହି ଶିବଶବ୍ଦ ଯେ କେତେ ଗହନ-ତତ୍ତ୍ୱ-ସମ୍ବନ୍ଧିତ ଏକ ଅନାହତ ଉଚ୍ଚାରଣ, ତାହା ପ୍ରକାଶ କରିବା ଦୁରୂହ। ବେଦ ଉପନିଷଦ-ପୁରାଣ-ସାହିତ୍ୟ ସବୁଠାରେ ଶିବଶବ୍ଦ ଓ ଶିବତତ୍ତ୍ୱର ଦୀପ୍ତି ଓ ବ୍ୟାପ୍ତି ପ୍ରଶସ୍ତ ଭାବେ ଦେଖାଯାଏ। ଶୁକ୍ଳ ଯଜୁର୍ବେଦ (୧୬/୪୧) ଅନ୍ତର୍ଗତ ଶତରୁଦ୍ରିୟ ପାଠାରେ ଶିବଶବ୍ଦର ପ୍ରୟୋଗ ଦେଖାଯାଏ। ନମଃ ଶମବାୟ ଚ ନମଃ ଶିବାୟ ଚ ଶିବତରାୟ ଚ।। ମୟଭବାୟ ଚ ନମଃ ଶଙ୍କରାୟ ଚ ମୟସ୍କରାୟ ଚ।

ଅର୍ଥାତ୍ ସୁଖାଶାନ୍ତିର ସୃଷ୍ଟିକାରୀଙ୍କୁ ନମସ୍କାର, ମଙ୍ଗଳକାରୀଙ୍କୁ ନମସ୍କାର, ଶିବଙ୍କୁ ନମସ୍କାର ଓ ପରମ କଲ୍ୟାଣଙ୍କୁ ନମସ୍କାର। ଆମେ ନିତ୍ୟ ପାଠ କରୁଥିବା ମହାମୃତ୍ୟୁଞ୍ଜୟ ମନ୍ତ୍ରର ମଧ୍ୟ ଉତ୍ପତ୍ତି-ଉତ୍ସ ହେଉଛି ଶୁକ୍ଳ ଯଜୁର୍ବେଦ। ଏଥିରେ (୩/୬-୬୧) ଥିବା ମନ୍ତ୍ରରେ ସୁଗନ୍ଧମୟ ତଥା ଅନ୍ନାଦିର ପୁଷ୍ଟିକୁ ବୃଦ୍ଧି କରୁଥିବା ତ୍ରିନେତ୍ର ଶିବଙ୍କୁ ସ୍ତୁତି କରାଯାଇ ମୃତ୍ୟୁ ବନ୍ଧନରୁ ମୁକ୍ତ ହେବା ଓ ଅମୃତରୁ ବଞ୍ଚିତ ନହେବା ନିମନ୍ତେ ସ୍ତୁତି କରାଯାଇଛି। ବିଶେଷତଃ ଅନ୍ୱିତା କନ୍ୟା ଉତ୍ତମ-ବରପ୍ରାପ୍ତି ପରେ ପିତୃକୁଳରୁ ବିମୁକ୍ତି ଓ ପତିକୁଳରୁ ଅବିମୁକ୍ତି କାମନା କରି ଶିବସ୍ତୁତି କରିଥିବା ଏହି ମନ୍ତ୍ରରେ ପ୍ରକାଶିତ-ତ୍ର୍ୟମ୍ବକଂ ଯଜାମହେ ସୁଗନ୍ଧିଂ ପୁଷ୍ଟିବର୍ଦ୍ଧନମ। ଉର୍ବାରୁକ ଶିବ ବନ୍ଧାନାନ୍ ମୃତ୍ୟୋର୍ମୁକ୍ଷୀୟ ମାଽମୃତାତ୍। ତ୍ର୍ୟାମ୍ବକଂ ଯଜାମହେ ସୁଗନ୍ଧିଂ ପତିବେଦନାମ୍। ଉର୍ବାରୁକଶିବ ବନ୍ଧନା ଜିତୋ ମୁକ୍ଷୀୟ ମାମୁତଃ।।। ଉପନିଷତ୍ ମାନଙ୍କ ଶୃଙ୍ଖଳା କ୍ରମରେ ଦେଖିଲେ, ଶ୍ୱେତାଶ୍ୱତର ଉପନିଷଦ୍ (୩/୧୧)ରେ ଶିବଶଙ୍କର ବ୍ୟାପକତା ପ୍ରକଟିତ ହୋଇଛି-ସର୍ବାନନଶିରୋଗ୍ରୀବଃ ସର୍ବଭୂତଗୁହାଶୟଃ। ସର୍ବବ୍ୟାପୀ ସ ଭଗବାଂସ୍ତସ୍ମାତ ସର୍ବଗତଃ ଶିବଃ।। ଅର୍ଥାତ୍ ସମସ୍ତଙ୍କ ମୁଖ-ମସ୍ତକ-କଣ୍ଠ-ସ୍ୱରୂପ, ସମସ୍ତଙ୍କ ହୃଦୟସ୍ଥିତ, ସର୍ବବ୍ୟାପକ, ସର୍ବାନ୍ତରଗାମୀ, ମଙ୍ଗଳମୟ ହିଁ ଭଗବାନ ପଦବାଚ୍ୟ। କୈବଲ୍ୟୋପନିଷଦ୍ (୧/୮) ମନ୍ତ୍ରରେ କୁହାଯାଇଛି-ସ ବ୍ରହ୍ମା ସ ଶିବଃ ସେନ୍ଦ୍ରଃ ସୋଽକ୍ଷରଃ ପରମଃ ସ୍ୱରାଟ। ସ ଏବ ବିଷ୍ଣୁଃ ସ ପ୍ରାଣଃ ସ କାଳୋଽଗ୍ନିଃ ସ ଚନ୍ଦ୍ରମାଃ।। ଅର୍ଥାତ୍ ପରମ ବ୍ରହ୍ମ ହେଉଛନ୍ତି ଏକଧାରରେ ବ୍ରହ୍ମା-ଶିବ-ଇନ୍ଦ୍ରାଦିଦେବଗଣ-ବିଷ୍ଣୁପ୍ରାଣ-କାଳି-ଅଗ୍ନି-ଚନ୍ଦ୍ରସ୍ୱରୂପ।

ସେହିପରି ରୁଦ୍ରହୃଦୟ, ଦକ୍ଷିଣାମୂର୍ତ୍ତି, ନିଳରୁଦ୍ରାଦି ଉପନିଷତ୍ ସମୂହରେ ଶିବ ଶବ୍ଦର ବ୍ୟବହାର ସହିତ ଶିବ ମହିମା ସୁବର୍ଣ୍ଣିତ ହେଉଛି। ଶିବ ଶବ୍ଦର ଆଭିଧାନିକ ଅର୍ଥ ହେଉଛି ମଙ୍ଗଳ ବା କଲ୍ୟାଣ। ଏହି ଶବ୍ଦ ଉଭୟ ବିଶେଷ୍ୟ ଓ ବିଶେଷଣ ଭାବରେ ବ୍ୟବହୃତ। ପାଣିନିକୃତ ଉଣାଦିକୋଷର ସୂତ୍ର (୧/୧୫୩)-ସର୍ବନିଘୃଷ୍ୱରି ଷ୍ୱ ଶିବପଟ୍ ବପ୍ରହ୍ୱେଷ୍ୱା ଅତନ୍ତେ ମତରେ ଶୀ, ଙ୍ (ସ୍ୱପ୍ନେ) ଧାତୁରୁ ନିଷ୍ପନ୍ନ ଶବ୍ଦ ହେଉଛି ଶିବ, ଯାହାର ବ୍ୟୁତ୍ପତ୍ତି ବାକ୍ୟ ହେଉଛି-ଶେ ତେ ଇତି ଶିବଃ। ଅର୍ଥାତ୍ ଶିବ ସର୍ବଦା ସମାଧିସ୍ଥ ଥାଆନ୍ତି ଓ ମହାପ୍ରଳୟ ସମୟରେ ତମୋଗୁଣଯୁକ୍ତ ହୋଇ ବିନାଶକ୍ରିୟ ନିର୍ବାହ କରନ୍ତି। ପରମପୁରୁଷଙ୍କ ସୁପ୍ତିତତ୍ତ୍ୱ ହିଁ ପ୍ରଳୟର କାରଣ ଓ କାରକ ମଧ୍ୟ। ପୁନଶ୍ଚ ଅନ୍ୟମତରେ ଶେରତେ ପ୍ରାଣିନୋ ଯତ୍ର ସ ଶିବଃ। ଅର୍ଥାତ୍ ଅଶେଷ ପାପତାପରେ ଉଦ୍‌ବିଗ୍ନ ହୋଇ ପ୍ରାଣିମାନେ ବିଶ୍ରମ ନିମେନ୍ତ ଯେଉଁଠି ଶୟନ କରନ୍ତି, ସେହି ସର୍ବାଶ୍ରୟ ହିଁ ଶିବ। ଆହୁରି ମଧ୍ୟ ଭାରତକୃତ ଅମରଟୀକା ମତରେ-ଶିବଂ କଲ୍ୟାଣ ବିଦ୍ୟତେଽସ୍ୟ-ଅର୍ଥାତ୍ ମଙ୍ଗଳ ଯାହାଠାରେ ସନ୍ନିବିଷ୍ଟ, ସେ ଶିବ। ପୁନଶ୍ଚ ଶ୍ୟତି ନାଶୟତି ଅଶୁଭମିତି ଶିବଃ-ଅର୍ଥାତ୍ ଅଶୁଭର ବିନାଶକ ହିଁ ଶିବ। ଅନ୍ୟ ଏକ ମତରେ-ଶେରତେରବତିଷ୍ଠନ୍ତେଽଣିମାଦ୍ୟାଷ୍ଟଗୁଣା ଅସ୍ମିନ୍ନିତି ଶିବଃ ଏହାର ଅର୍ଥ ହେଉଛି ଅଣିମାଦି ଅଷ୍ଟସିଦ୍ଧିମୟ ଗୁଣାବଳୀ ଯାହାଠାରେ ପରିପୂର୍ଣ୍ଣ ଅଛି, ସେ ଶିବ ନାମବାଚ୍ୟ। ଶିବୋପନିଷତ୍ (୧/୧୦) ମତରେ-ଅଶିବାଃ ପାଶସଂଯୁକ୍ତାଃ ପଶବଃ ସର୍ବଚେତନାଃ। ଯସ୍ମାଦ୍ ବିଲକ୍ଷଣାସ୍ତେଭ୍ୟସ୍ତସ୍ମାଦୀଶଃ ଶିବଃ ସ୍ମୃତଃ।। ଅର୍ଥାତ୍ ଜାଗତିକ ମାୟାପାଶରେ ବଦ୍ଧ ହୋଇଥିବା ତଥା ଚେତନା ଥାଇ ସୁଦ୍ଧା ଅଚେତନ-ପଶୁ ଭାବରେ ବ୍ୟବହାର କରୁଥିବା ଜୀବମନାଙ୍କୁ ପାଶମୁକ୍ତ କରୁଥିବା ଈଶ୍ୱର ହିଁ ଶିବ। ସେହିପରି ଶିବ ମହାପୁରାଣାନ୍ତର୍ଗତ ବିଦ୍ୱେଶ୍ୱର ସଂହିତା (୧୮ଶ୍ଳୋକ) ମତରେ-ଶଂ ନିତ୍ୟ ସୁଖମାନନ୍ଦଶିକାରଃ ପୁରୁଷଃ ସ୍ମୃତଃ। ବକାରଃ ଶକ୍ତିରମୃତଂ ମେଳନଂ ଶିବ ଉଚ୍ୟତେ।। ତସ୍ମାଦେବଂ ସ୍ୱମାତ୍ମାନଂ ଶିବଂ କୃତ୍ୱାଽର୍ଚୟେଚ୍ଛିବମ୍।। ଅର୍ଥାତ୍ ଶିବ ଶବ୍ଦରେ ଥିବା ଶକାର ଆନନ୍ଦବାଚକ, ଇକାର ପୁରୁଷବାଚକ ତଥା ବକାର ଅମୃତଶକ୍ତିବାଚକ ଓ ଏହି ତିନି ତତ୍ତ୍ୱର ମିଳନରେ ଶିବଶବ୍ଦ ନିଷ୍ପାଦିତ। ଏଣୁ ପ୍ରତି ଜୀବ ଭଗବାନ ଶିବଙ୍କୁ ଏହିପରି ଆତ୍ମସ୍ୱରୂପ ଜାଣି ଅର୍ଚ୍ଚନା କରିବା ଉଚିତ୍। ଏହି ଶିବଙ୍କର ସହସ୍ରନାମାବଳୀ ବ୍ୟସକୃତ ମହାଭାରତର ଅନୁଶାସନ ପର୍ବର ୧୭ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି।

ଶିବ ଏକଧାରରେ ଏକରସ, ଅର୍ଦ୍ଧନାରୀ ଓ ଅର୍ଦ୍ଧପୁରୁଷ ତତ୍ତ୍ୱର ମିଳନରେ ଦ୍ୱିମୂର୍ତ୍ତି, ତ୍ରିନେତ୍ର, ସ୍ୱପ୍ନ-ସୁଷୁପ୍ତି-ଜାଗର-ତୁରୀୟାଦି ଚତୁରବସ୍ଥା ମଧ୍ୟରୁ ତୁରୀୟ (ଚତୁର୍ଥ) ସତ୍ତା ଅଥବା ପରା-ପଶ୍ୟନ୍ତୀ-ମଧ୍ୟମା-ବୈଖରି ନାମକ ଜ୍ଞାନରୂପକ-ଧ୍ୱନି ଚତୁଷ୍ଟୟର ପ୍ରେରକ, ପଞ୍ଚାନନ (ସଦ୍ୟୋଜାତ-ତତ୍‌ପୁରୁଷ-ଅଘୋର-ବାମଦେବ-ଇଶାନାତି ପଞ୍ଚମୁଖ ଯୁକ୍ତ) ତଥା ସୃଷ୍ଟି-ସ୍ଥିତି-ଲୟ-ନିଗ୍ରହ-ଅନୁଗ୍ରହାଦି ପଞ୍ଚବିଧ ଐଶଶକ୍ତିର ଆଧାର, ଓଁ ନମଃ ଶିବାୟ ମନ୍ତ୍ରର ଅକ୍ଷରସଟ୍‌କରେ ଉଭାସିତ ଅଥବା ସର୍ବଜ୍ଞତା-ସଂତୃପ୍ତି-ଅଖଣ୍ଡବୋଧ-ସ୍ୱତନ୍ତ୍ରତା-ଅନବସନ୍ନତା-ଅନନ୍ତଶକ୍ତି ପ୍ରଭୃତି ଷଟ୍‌କଳାଯୁକ୍ତ, ବିଲ୍ୱପତ୍ର-ତୋୟ-ପୟଃ-ଦଧି-ମଧୁ-ଘୃତ-ଭସ୍ମାଦି ସପ୍ତଦ୍ରବ୍ୟରେ ସବିଶେଷ ଅଭିଷକ-ପରାୟଣ ଓ ଅଣିମାଦି-ଅଷ୍ଟସିଦ୍ଧିଦାତା ଅଥବା କ୍ଷିତି-ଅପ୍-ତେଜଃ-ମରୁତଃ-ବ୍ୟୋମ-ସୂର୍ଯ୍ୟ-ଚନ୍ଦ୍ର-ଆତ୍ମା (କ୍ଷେତ୍ରଜ୍ଞ) ପ୍ରମୁଖ ଅଷ୍ଟତତ୍ତ୍ୱର ଆଧାରରେ ଭାବ-ଶବ-ରୁଦ୍ର-ପଶୁପତି-ଉଗ୍ର-ମହାଦେବ-ଭୀମ-ଇଶାନାଦି ଅଷ୍ଟ ନାମରେ ଅଷ୍ଟମୂର୍ତ୍ତି ସ୍ୱରୂପରେ ଅର୍ଚ୍ଚିତ। ଆହୁରି ମଧ୍ୟ, ସ୍ୱତସଂହିତା (୪/୨୭-୨୮) ମତରେ-ଦେବ ଏବଂ ସ୍ୱୟଂ ଲିଙ୍ଗ ଲିଙ୍ଗଜ ଗମକ ମେ ବହି। ଅର୍ଥାତ୍ ଶିବ ହେଉଛନ୍ତି ସ୍ୱୟଂ ଜ୍ଞାନ (ଶିବଃ ପ୍ରଜ୍ଞାନେ) ଓ ଏହି ଜ୍ଞାନ ରୂପର ପ୍ରକାଶ ହେଉଛି ଲିଙ୍ଗ। ଏହି ଲିଙ୍ଗ ସତ୍-ଚିତ୍-ଆନନ୍ଦର ସମାହାର ଓ ଅଚଳ ପ୍ରତିଷ୍ଠା। ମହାପ୍ରଳୟ ସମୟରେ ସମସ୍ତ ଶକ୍ତି ଏହିଠାରେ ଲୟପ୍ରାପ୍ତ ହୋଇଥାନ୍ତି ସତ, ମାତ୍ର ଏହି ଲିଙ୍ଗର କଦାପି ଲୟ ନାହିଁ। ପୁନଶ୍ଚ ବିଦ୍ୟେଶ୍ୱର ସଂହିତା ମତରେ ଲୀନାର୍ଥଗମକଂ ଚିହ୍ନ ଲିଙ୍ଗମିତ୍ୟ ଭିଧାୟତେ। ମୁଖ୍ୟୋ ଭଗସ୍ତୁ ପ୍ରକୃତି ଭଗବାନି ଶିବ ରଚ୍ୟତେ।। ଅର୍ଥାତ୍ ଅବ୍ୟକ୍ତ ଶକ୍ତିର ପ୍ରକାଶକ ଲିଙ୍ଗ, ଭଗଶବ୍ଦର ଅର୍ଥ ପ୍ରକୃତି ଓ ଏହି ଦୁଇଟିର ଆଧାରରେ ଶିବ ଓ ଏକାଧାରରେ ଲିଙ୍ଗ ଓ ଭଗବାନ। ଆଜି ପବିତ୍ର ଶିବରାତ୍ରୀ ଅବସରରେ ସେହି ଲିଙ୍ଗାତ୍ମକ ଭଗବାନ ଶିବଙ୍କ ଚିନ୍ମୟ-ଜ୍ୟୋତିଃକୁ ସହସ୍ର ପ୍ରଣାମ। ଏହା କଲ୍‌କୀ ପୁରାଣରୁ ଆଦୃତ।

# ରୁଷ୍-ୟୁକ୍ରେନ ଯୁଦ୍ଧର କାରଣ




ଡକ୍ଟର ଲକ୍ଷ୍ମଣ ସାହୁ
ଅଧକ୍ଷ , ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪,
ଦୂରଭାଷା: ୯୦୪୦ ୧୫୧୪୭୫
laxmansahoo9040@gmail.com

ପରିଶେଷରେ ବହୁ ପ୍ରତୀକ୍ଷିତ ରୁଷର ସୈନ୍ୟମାନେ ପୂର୍ବ ୟୁକ୍ରେନର ଦୁଇଟି ବିଚ୍ଛିନ୍ନ ଅଞ୍ଚଳରେ ପ୍ରବେଶ କଲେ । ଗତ କିଛି ମାସ ଧରି ରୁଷ-ୟୁକ୍ରେନ ସୀମାରେ ଦେଖାଯାଇଥିବା ଧୂଆଁ ବର୍ତ୍ତମାନ ଏକ ଜ୍ୱଳନ୍ତ ନିଆଁରେ ପରିଣତ ହୋଇଛି । ସମଗ୍ର ବିଶ୍ୱ ବୁଝିପାରୁଛି, ଏଭଳି ଏକ ଭୟଙ୍କର ଯୁଦ୍ଧ ବୋଧହୁଏ କିଛି ଦିନ ବାକି ଅଛି । ଗତ ଦୁଇ ମାସ ଧରି ରୁଷର ୟୁକ୍‌ରେନର ପୂର୍ବ ଏବଂ ଦକ୍ଷିଣ ସୀମାରେ ୧୦୦,୦୦୦ ରୁ ଅଧିକ ସୈନ୍ୟ ଏବଂ ଅସ୍ତ୍ରଶସ୍ତ୍ର ସଂଗ୍ରହ କରିଥିବା ଜଣାଯାଇଛି । ନିକଟ ଅତୀତରେ ରୁଷର ସାମରିକ ପ୍ରବୃତ୍ତିର ବିଶ୍ୱରେ ଏତେ ବଡ଼ ପ୍ରଦର୍ଶନ ଦେଖାଯାଇ ନାହିଁ । ଫଳସ୍ୱରୂପ, ସମଗ୍ର ବିଶ୍ୱରେ ଭୟ ବଢିଯାଇଥିଲା ଯେ ୟୁରୋପ ଏକ ସର୍ବଦଳୀୟ ଯୁଦ୍ଧର ପଥରେ ଅଛି । ସେହି ଭୟ ବର୍ତ୍ତମାନ ପୂରଣ ହେବାକୁ ଯାଉଛି । ପ୍ରଶ୍ନ ହେଉଛି, ହଠାତ୍ ୟୁକ୍‌ରେନ ଏବଂ ରୁଷ ମଧ୍ୟରେ ଏତେ ବଡ ବିବାଦ କାହିଁକି ? ଏହି ଯୁଦ୍ଧ ପରିସ୍ଥିତି ଆଗକୁ କ'ଣ ହୋଇପାରେ ବା କି ମୋଡ ନେବ ? ଏଭଳି ଶତାଧିକ ପ୍ରଶ୍ନବାଚ୍ୀ , ଯାହାର ଉତ୍ତର ଅବସମ୍ଭାବି । ତଥାପି ଏହାକୁ ବୁଝିବା ପାଇଁ, ଗତ ନଅ ବର୍ଷର ଘଟଣାଗୁଡ଼ିକ ଉପରେ ସାମାନ୍ୟତମ ନଜର ରଖିବା ଜରୁରୀ ଅଟେ । ବିଗତ ନଭେମ୍ବର ୨୦୧୩ ରେ, ରୁଷର ସମର୍ଥକ ୟୁକ୍ରେନ ରାଷ୍ଟ୍ରପତି ବିକାଶ ୟାନୁକୋଭିଚ୍ ୟୁରୋପୀୟ ୟୁନିଅନ୍ ସହିତ ଅଧିକ ଅର୍ଥନୈତିକ ଏକୀକରଣ ଉପରେ ଏକ ଚୁକ୍ତିନାମାକୁ ପ୍ରତ୍ୟାଖ୍ୟାନ କଲେ । ଏହି ନିଷ୍ପତ୍ତି ସମଗ୍ର ୟୁକ୍ରେନରେ ବ୍ୟାପକ ବିରୋଧ ପ୍ରଦର୍ଶନ କରିଥିଲା । ଫଳସ୍ୱରୂପ, ୟାନୁକୋଭିଚ୍ ରାଷ୍ଟ୍ରପତି ପଦରୁ ବହିଷ୍କୃତ ହୋଇଥିଲେ ଏବଂ ଫେବୃଆରୀ ୨୦୧୪ ରେ ଦେଶ ଛାଡି ପଳାଇଥିଲେ । ଏହି ଘଟଣା ଉପରେ ମସ୍କୋ ରାଗିଛି । ଫଳସ୍ୱରୂପ, ମାର୍ଚ୍ଚ ୨୦୧୪ ରେ, ରୁଷର ସୈନ୍ୟମାନେ ୟୁକ୍ରେନର ଦକ୍ଷିଣ କ୍ରାଇମ ଦ୍ୱୀପପୁଞ୍ଜକୁ ଦଖଲ କରିଥିଲେ । କ୍ରାଇମବ୍ରାଞ୍ଚମାନେ ଏକ ବିବାଦୀୟ ସ୍ଥାନୀୟ ଉପନିର୍ବାଚନରେ ରୁଷ ଫେଡେରେଶନରେ ଯୋଗଦେବା ପରେ ଭୋଟ୍ ଦେଇଥିଲେ । ତେବେ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କ୍ରାଇମବ୍ରାଞ୍ଚ ଏବଂ ଦକ୍ଷିଣ ପୂର୍ବ ୟୁକ୍‌ରେନରେ ରୁଷର ନାଗରିକ ତଥା ରୁଷୀୟ ବକ୍ତାମାନଙ୍କ ଅଧିକାରର ସୁରକ୍ଷା ଆବଶ୍ୟକ ବୋଲି ଉଲ୍ଲେଖ କରିଛନ୍ତି । ଅନେକେ ବିଶ୍ୱାସ କରନ୍ତି ଯେ ଏହି ସଙ୍କଟ ଜାତିଗତ ବିଭାଜନକୁ ବଢାଇ ଥାଏ । ଏହାର ଅନ୍ୟତମ କାରଣ ହେଉଛି, ମାତ୍ର ଦୁଇମାସ ପରେ ପୂର୍ବ ୟୁକ୍ରେନର ଡୋନେଟସ୍କ ଏବଂ ଲୁହାନସ୍କ ଅଞ୍ଚଳରେ ରୁଷର ସମର୍ଥକ ବିଚ୍ଛିନ୍ନତାବାଦୀମାନେ ୟୁକ୍ରେନରୁ ସ୍ୱାଧୀନତା ଘୋଷଣା କରିବା ପାଇଁ ଏକ ଉପନିର୍ବାଚନ କରିଥିଲେ । ପୂର୍ବ ୟୁକ୍ରେନରେ ରୁଷ ସମର୍ଥିତ ବିଚ୍ଛିନ୍ନତାବାଦୀ ବାହିନୀ ଏବଂ ୟୁକ୍ରେନ ସୈନ୍ୟବାହିନୀ ମଧ୍ୟରେ ହିଂସା ଏପ୍ରିଲ୍ ୨୦୧୪ ଠାରୁ ଏପର୍ଯ୍ୟନ୍ତ ପ୍ରାୟ ୧୦,୩୦୦ ଲୋକଙ୍କ ମୃତ୍ୟୁ ଘଟିଛି ଏବଂ ପ୍ରାୟ ୨୪,୦୦୦ ଲୋକ ଆହତ ହୋଇଛନ୍ତି । ଯଦିଓ ମସ୍କୋ ବିଚ୍ଛିନ୍ନତାବାଦୀଙ୍କ ସହ କୌଣସି ସମ୍ପୃକ୍ତିକୁ ଅସ୍ୱୀକାର କରିଛି । ୟୁକ୍ରେନ ଏବଂ ଉତ୍ତର ଆଟଲାଣ୍ଟିକ୍ ଚୁକ୍ତି ସଂଗଠନ (ନାଟୋ) ମସ୍କୋର ଦାବିକୁ କେବେବି ମାନି ନାହିଁ । ଏହା ପରିବର୍ତ୍ତେ, ସେମାନେ ଡୋନେଟସ୍କ ନିକଟରେ ରୁଷର ସୈନ୍ୟ ଏବଂ ସାମରିକ ଉପକରଣ ସଂଗ୍ରହ କରିଥିଲେ । ଏପରିକି ସେ ସମୟରେ ରୁଷ-ୟୁକ୍ରେନ ସୀମାରେ ଗୁଳି ବିନିମୟ ହୋଇଥିବାର ଖବର ଆସିଥିଲା । ଜୁଲାଇ ୨୦୧୪ ରେ ଏକ ଦୁଃଖଦ ଘଟଣା ୟୁକ୍ରେନର ସ୍ଥିତିକୁ ଏକ ଆନ୍ତର୍ଜାତୀୟ ସଙ୍କଟରେ ପରିଣତ କରି ଆମେରିକାହିଁ ୟୂକ୍ରେନ୍ ଓ ରୁଷକୁ ଦ୍ୱନ୍ଦ୍ୱରେ ପରିଣତ କରିଥିଲା । ସେଦିନ ଥିଲା ଜୁଲାଇ ୧୮ ତାରିଖ । ବିମାନରେ ୨୯୮ ଯାତ୍ରୀଙ୍କ ସହ ମାଲେସିଆ ଏୟାରଲାଇନ୍ସର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ୨୦୧୫ ରେ ଘଟିଥିବା ଏହି ବିମାନ ଦୁର୍ଘଟଣା ଅନୁସନ୍ଧାନକାରୀମାନେ ସିଦ୍ଧାନ୍ତ ନେଇଥିଲେ ଯେ ବିମାନଟି ରୁଷ ଦ୍ୱାରା ନିର୍ମିତ ଭୂପୃଷ୍ଠରୁ ବାୟୁ କ୍ଷେପଣାସ୍ତ୍ର ଦ୍ୱାରା ଧକ୍କା ହୋଇଛି । ସେପ୍ଟେମ୍ବର ୨୦୧୬ ରେ ଅନୁସନ୍ଧାନକାରୀମାନେ କହିଛନ୍ତି ଯେ ଏହି କ୍ଷେପଣାସ୍ତ୍ର ସିଷ୍ଟମ ରୁଷ ଯୋଗାଇ ଦେଇଛି । ଏହି କ୍ଷେପଣାସ୍ତ୍ର ପ୍ରଣାଳୀ ଦୁର୍ଘଟଣା ପୂର୍ବରୁ ପୂର୍ବ ୟୁକ୍‌ରେନକୁ ସ୍ଥାନାନ୍ତରିତ ହୋଇଥିଲା ଏବଂ ବିମାନଟି ଦୁର୍ଘଟଣାଗ୍ରସ୍ତ ହେବା ପରେ ପୁନର୍ବାର ରୁଷିଆ ଅଞ୍ଚଳକୁ ପଠାଯାଇଥିଲା । ଏହି ପରିପ୍ରେକ୍ଷୀରେ, ରୁଷ ନେଟୋ ପାଇଁ ଏକ ନେଟ ଆଖିରେ ପରିଣତ ହୋଇଥିଲା । ଅନ୍ୟ ଏକ କାରଣ ପାଇଁ ନେଟୋ ରୁଷ ପ୍ରତି ଶତ୍ରୁତା କରିଥିଲା । ୨୦୧୪ ରେ ରୁଷ-ୟୁକ୍ରେନ ବିବାଦ ଆରମ୍ଭ ହେବା ପରଠାରୁ, ୟୁକ୍ରେନ ଅନେକ ସାଇବର ଆକ୍ରମଣର ଲକ୍ଷ୍ୟ ରଖିଛି । ଉଦାହରଣ ସ୍ୱରୂପ, ଡିସେମ୍ବର ୨୦୧୫ ରେ, ଏକ ସାଇବର ଆକ୍ରମଣରେ ୟୁକ୍ରେନରେ ପ୍ରାୟ ୨.୫ ନିୟୁତ ଲୋକ ପ୍ରାଣ ହରାଇଥିଲେ । ଡିସେମ୍ବର ୨୦୧୬ ରେ, ୟୁକ୍ରେନ ସେବା ପ୍ରଦାନକାରୀଙ୍କୁ ଟାର୍ଗେଟ କରି ସମାନ ଆକ୍ରମଣ ପରେ ୟୁକ୍ରେନ ରାଜଧାନୀ କଳିଭରେ କିଛି ବିଦ୍ୟୁତ ବିଭ୍ରାଟ ଘଟିଥିଲା । ଅନେକଙ୍କ କହିବାନୁସାରେ, ଏପରି ସାଇବର ଆକ୍ରମଣ ପଛରେ ରୁଷ ଅଛି ବୋଲି ସଂଦେହ କରାଯାଇଛି । ତେଣୁ ରୁଷର କାର୍ଯ୍ୟକଳାପରେ ରାଗିଯାଇ ନେଟୋ ଏପ୍ରିଲ୍ ୨୦୧୬ ରେ ଘୋଷଣା କରିଛି ଯେ ୟୁରୋପର ବାଲଟିକ୍ ଅଞ୍ଚଳରେ ଭବିଷ୍ୟତରେ ରୁଷର ଆକ୍ରମଣକୁ ରୋକିବା ପାଇଁ ପୂର୍ବ ୟୁରୋପରେ (ଇଷ୍ଟୋନିଆ, ଲାଟଭିଆ, ଲିଥୁଆ ଏବଂ ପୋଲାଣ୍ଡ) ଚ଼ାରୋଟି ବାଟାଲିୟନ ନିୟୋଜିତ କରିବ । ଏହି ବାଟାଲିୟନ ସହିତ ୨୦୧୬ ମସିହାରେ ପୋଲାଣ୍ଡରେ ଆମେରିକାର ସେନାବାହିନୀର ଦୁଇଟି ଟ୍ୟାଙ୍କ ବ୍ରିଗେଡ୍ ମଧ୍ୟ ନିୟୋଜିତ ହୋଇଥିଲା । ଆମେରିକାର ୟୁକ୍ରେନ ପାଇଁ ଏବଂ ରୁଷ ବିରୁଦ୍ଧରେ ଥିବା ବାର୍ତ୍ତା ୨୦୧୬ ରେ ସ୍ପଷ୍ଟ ହୋଇ ଯାଇଛି । ସେହିବର୍ଷ ଜାନୁୟାରୀ ମାସରେ, ରୁଷ-ୟୁକ୍ରେନ ବିବାଦରେ ଜଡିତ ଥିବାରୁ ଆମେରିକା ଅନେକ ରୁଷିୟ ଅଧିକାରୀ ଏବଂ ନଅ ଜଣ ରୁଷିଆ କମ୍ପାନୀ ଉପରେ ପ୍ରତିବନ୍ଧକ ଲଗାଇଥିଲା । ସେହିବର୍ଷ ମାର୍ଚ୍ଚରେ ୟୁକ୍‌ରେନକୁ ମାରାତ୍ମକ ଆଣ୍ଟି ଟ୍ୟାଙ୍କ ଅସ୍ତ୍ର ବିକ୍ରୟକୁ ଆମେରିକା ବୈଦେଶିକ ବିଭାଗ ଅନୁମୋଦନ କରିଥିଲା । ଏହାର ଅଳ୍ପ କିଛି କିଛି ମାସ ମଧ୍ୟରେ, ପଶ୍ଚିମ ୟୁକ୍ରେନରେ ବୃହତ ଅଣ-ବିମାନ ବ୍ୟାୟାମରେ ୟୁକ୍ରେନ ଆମେରିକୀୟ ୮ ନାଟୋ ଦେଶଗୁଡିକରେ ଯୋଗ ଦିଅନ୍ତି । ସେପ୍ଟେମ୍ବର ୨୦୧୬ ରେ ରୁଷର ସାମରିକ ଡ୍ରିଲ୍ ପୂର୍ବରୁ ଏହି ଘଟଣା ଘଟିଥିଲା ଯାହା ଦ୍ୱାରା ଅନେକେ ବିଶ୍ୱାସ କରିଥିଲେ ଯେ ନେତାନ୍ୟାହୁ ୟୁକ୍‌ରେନର ଏୟାର ଡ୍ରିଲ ମାଧ୍ୟମରେ ବୁଝାମଣାର ବାର୍ତ୍ତା ପଠାଇବାକୁ ଚ଼ାହୁଁଛନ୍ତି । ଆମେରିକା ଏବଂ ଅନ୍ୟ ନାଟୋ ସଦସ୍ୟଙ୍କ ଏପରି ଚ଼ାପର ସମ୍ମୁଖୀନ ହୋଇ ଗତ କିଛି ବର୍ଷ ଧରି ୟୁକ୍ରନ୍ ନାଟୋରେ ଯୋଗଦାନ ରୁଷର ସୀମା ସୁରକ୍ଷା ପାଇଁ ଏକ ବଡ଼ ବିପଦ ଭାବରେ ବିବେଚ଼ନା କରାଯାଉଥିଲା । (ପ୍ରକାଶ ଥାଉକି ୟୁକ୍‌ରେନ ଏପର୍ଯ୍ୟନ୍ତ ନାଟୋର ସହଯୋଗୀ କିନ୍ତୁ ଦୀର୍ଘ ଦିନ ଧରି ନାଟୋର ସଦସ୍ୟ ରହିଆସିଛି) । ରୁଷର ସୀମାବର୍ତ୍ତୀ ପାଞ୍ଚଟି ଦେଶ ନାଟୋରେ ଯୋଗ ଦେଇସାରିଛନ୍ତି କିମ୍ବା ନିଜକୁ ନେଟୋ ମି ଘୋଷଣା କରିଛନ୍ତି । ଯଦି ୟୁକ୍ରେନ ନାଟୋରେ ଯୋଗ ଦିଏ, ରୁଷର ସୀମାରେ ଛଅଟି ନାଟୋ ସହଯୋଗୀ ରାଷ୍ଟ୍ର ରହିବ, ଯାହା ମସ୍କୋ ସୀମାରେ ନାଟୋର ସାମଗ୍ରିକ ଶକ୍ତି ବୃଦ୍ଧି କରିବାକୁ ଚ଼ାହୁଁନାହିଁ । ଗତ ବର୍ଷ ଡିସେମ୍ବରରେ ପୁଟିନ କହିଛନ୍ତି ଯେ ରୁଷ ଆମେରିକା ଏବଂ ଏହାର ସହଯୋଗୀ ଦେଶ ଉପରେ ଦୀର୍ଘମିଆଦି ନିରାପତ୍ତା ନିର୍ଭରଶୀଳତାର ଆଶ୍ୱାସନା ଚ଼ାହୁଁଛି । ପୁଟିନ ସରକାରଙ୍କ ନିକଟରେ ଦାବି କରିଛନ୍ତି ଯେ ନାଟୋ ଆଉ ପୂର୍ବରେ ରହିବ ନାହିଁ ଏବଂ ରୁଷର ଅଞ୍ଚଳ ନିକଟରେ ସିଷ୍ଟମ ନିୟୋଜନ ବନ୍ଦ କରିବ । ରୁଷର ଦାବିକୁ ଆମେରିକା ଏବଂ ନାଟୋ ଜବାବ ଦେଇଛନ୍ତି । ଆମେରିକା ମସ୍କୋକୁ କହିଛି ଯେ ଯଦି ନାଟୋ ୟୁକ୍‌ରେନରେ ନିଜର ସାମରିକ ଉପସ୍ଥିତି ବଢାଇବ ଏବଂ ଆହୁରି ବିସ୍ତାର କରିବାକୁ ପ୍ରତିଶୃତି ଦେବ, ତେବେ ପୁଟିନଙ୍କ ଉଭୟ ଦାବି ପୂରଣ ହେବ । ଫଳସ୍ୱରୂପ, ରୁଷର ସୈନ୍ୟମାନେ ବର୍ଷ ଆରମ୍ଭରୁ ୟୁକ୍ରେନ ସୀମାରେ ରହି ୟୁକ୍ରେନ ଏବଂ ଅନ୍ୟ ଦେଶମାନଙ୍କୁ ଭୟଭୀତ କରି ସମୁଦ୍ରରେ ଯୁଦ୍ଧ ଜାହାଜ ଆରମ୍ଭ କରି ଶେଷରେ ଅଧିକ ଯୁଦ୍ଧ କରିଥିଲେ । ଉପରୋକ୍ତ ବିଷୟକୁ ବିଚ଼ାର କଲେ, ୟୂକ୍ରେନ୍‌ରେ ହୋଇଥିବା ବିବାଦକୁ ମନମୁଖୀ ବୋଲି କୁହାଯାଇପାରିବ ନାହିଁ ।

# ଟ୍ରିପଲ ତଲାକ ବିରୋଧରେ ଆଇନ ଯୋଗୁଁ କମିଛି ୮୦ ପ୍ରତିଶତ ମାମଲା :ମୋଦି

ନୂଆଦିଲ୍ଲୀ,(ପିଆଇବି): ଦେଶରେ ଟ୍ରିପଲ ତଲାକ ବିରୋଧରେ ଆଇନ କାର୍ଯ୍ୟକାରୀ ହେବା ପରେ ୮୦ ପ୍ରତିଶତ ମାମଲା ହ୍ରାସପାଇଛି। ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ମନ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧିତ କରି ଏହା କହିଛନ୍ତି । ସେପ୍ଟେମ୍ବର ୨୦୧୯ରେ ଟ୍ରିପଲ ବିରୋଧରେ ଆଇନ ଆସିବା ପରେ ଦେଶରେ ଏହିପରି ମାମଲାରେ ବଡ଼ ହ୍ରାସ ରେକର୍ଡ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ କି ବାତ କାର୍ଯ୍ୟକ୍ରମରେ ମହିଳା ସଶକ୍ତିକରଣର ସଫଳତା କଥା ଉଲ୍ଲେଖ କରି କହିଛନ୍ତି, 'ଦେଶରେ ଟ୍ରିପଲ ତଲାକ ପରି ସାମାଜିକ କୁସଂସ୍କାର ଶେଷ ହେବାକୁ ଯାଉଛି । ଟ୍ରିପଲ ତଲାକ ବିରୋଧର ଆଇନ ଆସିବା ପରେ, ଏହିପରି ଘଟଣାରେ ୮୦ ପ୍ରତିଶତ ହ୍ରାସ ରେକର୍ଡ କରାଯାଇଛି'।



ପ୍ରଧାନମନ୍ତ୍ରୀଙ୍କ ୮୬ତମ 'ମନ୍ କୀ ବାତ୍'

ନିକଟ ଅତୀତରେ ମହିଳାଙ୍କ ମାତୃତ୍ୱ ଅବକାଶକୁ ବୃଦ୍ଧି କରାଯାଇଛି । ପୁଅ ଏବଂ ଝିଅଙ୍କ ସମାନ ବିବାହ ବୟସ କରି କେନ୍ଦ୍ର ସରକାର ଉଭୟଙ୍କୁ ସମାନ ଅଧିକାର ଦେବାକୁ ପ୍ରୟାସ କରୁଛନ୍ତି । ଆଜି ଦେଶର ପ୍ରତିଟି କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀ ବୃଦ୍ଧି ପାଇଛି ବୋଲି ପ୍ରଧାନମନ୍ତ୍ରୀ ନିଜ ସମ୍ବୋଧନରେ କହିଛନ୍ତି। ଆଜି ଆମର ସାମାଜିକ ସଚେତନତାର ସଫଳତା ଦେଶରେ ବୃହତ ପରିବର୍ତ୍ତନ ଆଣିବାରେ ବଡ଼ ଭୂମିକା ଗ୍ରହଣ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ବେଟି ବଚ୍ଚାଓ, ବେଟି ପଢାଓ ଦେଶରେ ଲିଙ୍ଗଗତ ସମାନତା ଆଣିବାରେ ସଫଳ ହୋଇଛି। ବିଦ୍ୟାଳୟରେ ଛାତ୍ରୀଙ୍କ ଉପସ୍ଥାନ ବୃଦ୍ଧି ପାଇଛି। ତାଞ୍ଜାନିଆର କିଲି ଓ ନୀମା ଲତା ଦିଦିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି, ଆମ ଜାତୀୟ ସଙ୍ଗୀତ ଗାନ କରିଛନ୍ତି। ମୁଁ ସେମାନଙ୍କ ନିକଟରେ କୃତଜ୍ଞ ବୋଲି ଆଜି 'ମନ୍ କୀ ବାତ୍'ର ୮୬ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି।

ସୂଚନାଯୋଗ୍ୟ, କେତେଗୁଡିଏ ଭାରତୀୟ ଗୀତ ସହ ପାଟି-ମିଳାଇ (ପୂର୍ବରୁ ଗାୟକ ବୋଲିଥିବା ଗୀତ ଶୁଣି ଓଠ ଚାଳନା କରିବା) ସାମାଜିକ ଗଣମାଧ୍ୟମରେ ଚହଳ ପକାଇଥିବା କିଲି ପାଲ୍ ଏବଂ ନୀମାଙ୍କ କଥା 'ମନ୍ କୀ ବାତ୍'ରେ ଉଲ୍ଲେଖ କରିବା ବେଳେ ପ୍ରଧାନମନ୍ତ୍ରୀ ଉପରୋକ୍ତ କଥା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ତାଞ୍ଜାନିଆର କିଲି ଓ ନୀମା ଭାରତୀୟ ସଙ୍ଗୀତ ପ୍ରତି ସେମାନଙ୍କର ଆବେଗ ପ୍ରକାଶ କରିଛନ୍ତି। ଆମ ପିଲାମାନେ ସେମାନଙ୍କ ପରି କିଛି କରୁଛନ୍ତି କି ? 'ସ୍ୱାଧୀନତାର ଅମୃତ ମହୋତ୍ସବ'ର ଅଂଶବିଶେଷ ଭାବେ ତରୁଣମାନେ ସେମାନଙ୍କ ନିଜସ୍ୱ ଢଙ୍ଗରେ ଭାରତୀୟ ଭାଷାଗୁଡିକରେ ଥିବା ଜନପ୍ରିୟ ଗୀତଗୁଡିକର ଭିଡିଓ ପ୍ରସ୍ତୁତ କରନ୍ତୁ। ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ସଫଳତାର ସହ ଅମୂଲ୍ୟ ପ୍ରତିମାଗୁଡିକୁ ଫେରାଇ ଆଣୁଛି। ଏହି ବିଗ୍ରହଗୁଡିକୁ ଫେରାଇ ଆଣିବାରେ ୨୦୧୪ରୁ ଭାରତକୁ କେତେକ ଦେଶ ସହଯୋଗ କରୁଛନ୍ତି। କିଛି ବର୍ଷ ପୂର୍ବେ ଚୋରି ହୋଇଯାଇଥିବା ବିହାରର ଗୟାସ୍ଥିତ କୁଣ୍ଡଲପୁର ମନ୍ଦିରରୁ ୧୦୦୦ ବର୍ଷ ପୁରାତନ ଅବଲୋକିତେଶ୍ୱର ପଦ୍ମପାଣି ବିଗ୍ରହ ବହୁ ଉଦ୍ୟମ କରି ଫେରି ପାଇଛୁ। ୨୦୧୩ ସୁଦ୍ଧା ଭାରତକୁ ୧୩ଟି ବିଗ୍ରହ ଭାରତକୁ ଫେରସ୍ତ ଅଣାଯାଉଛି। କିନ୍ତୁ, ଗତ ୭ ବର୍ଷ ହେବ ଭାରତ ସଫଳତାର ସହ ୨୦୦ରୁ ଅଧିକ ମୂଲ୍ୟବାନ ପ୍ରତିମା ଫେରାଇ ଆଣିଛି। ଭାରତର ବିଭିନ୍ନ ପ୍ରାନ୍ତରେ ନିର୍ମିତ ଏକ ଆରେକ ଠାରୁ ଉନ୍ନତ ପ୍ରତିମାଗୁଡିକରେ ସମ୍ମାନ, ସାମର୍ଥ୍ୟ ପାରଦର୍ଶିତା ଓ ବିବିଧତାରେ ପରିପୂର୍ଣ୍ଣ। ସେ ସବୁ ଭାରତୀୟ ଭାସ୍କର୍ଯ୍ୟର ଉତ୍କୃଷ୍ଟ କାରିଗରୀ ଦୃଷ୍ଟାନ୍ତ। ସେଥିସହ ଆମ ବିଶ୍ୱାସ ମଧ୍ୟ ବିଜଡିତ।

# ମୋଦିଙ୍କ ସହ କଥା ହେଲେ ୟୁକ୍ରେନ ରାଷ୍ଟ୍ରପତି

ନୂଆଦିଲ୍ଲୀ : ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଫୋନ୍ କରି କଥା ହୋଇଛନ୍ତି। ଜେଲେନସ୍କି ଏକ ଟ୍ୱିଟ୍ କରି ମୋଦୀଙ୍କ ସହ କଥା ହୋଇଥିବା କହିଛନ୍ତି। ସେ ମୋଦୀଙ୍କୁ କିବ୍ ସ୍ଥିତି ସଂକ୍ରାନ୍ତରେ ଅବଗତ କରିଛନ୍ତି। ୟୁକ୍ରେନ ରେ ଏବେ ୧ ଲକ୍ଷରୁ ଅଧିକ ରୁଷ୍ ସୈନିକ ଅଛନ୍ତି। ସେମାନେ ସାଧାରଣ ଜନବସତି ଅଞ୍ଚଳଗୁଡିକୁ ଟାର୍ଗେଟ୍ କରି ଆକ୍ରମଣ କରୁଛନ୍ତି। ତେଣୁ ଜାତିସଂଘରେ ଭାରତ ୟୁକ୍ରେନକୁ ରାଜନୈତିକ ସହଯୋଗ କରିବା ପାଇଁ ଜେଲେନସ୍କି ମୋଦୀଙ୍କୁ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ୟୁକ୍ରେନ ରେ ଧନଜୀବନର କ୍ଷୟକ୍ଷତି ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହ ତୁରନ୍ତ ଶାନ୍ତି ଆଲୋଚନା ପାଇଁ ପ୍ରୟାସ କରିବାକୁ କହିଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ୟୁକ୍ରେନ ବିଦେଶ ମନ୍ତ୍ରୀ ତାଙ୍କ ଭାରତୀୟ ପ୍ରତିପକ୍ଷ ଏସ୍ ଜୟଶଙ୍କରଙ୍କ ସହ ଫୋନ୍ କରି କଥା ହୋଇଥିଲେ ଏବଂ ୟୁଏନ୍‌ଏସସିରେ ଭାରତଠାରୁ ସହଯୋଗ ଚାହିଥିଲେ। ଇତି ମଧ୍ୟରେ ରୁଷ୍ ଭାରତର ନିରପେକ୍ଷ ସ୍ଥିତିକୁ ପ୍ରଶଂସା କରିଛି।



## ଓଡ଼ିଶାର ଇସ୍ପାତ କମ୍ପାନୀଙ୍କ ସହିତ କେନ୍ଦ୍ରମନ୍ତ୍ରୀଙ୍କ ଆଲୋଚନା

# ଇସ୍ପାତ ଉତ୍ପାଦନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ: ରାମ ଚନ୍ଦ୍ର ପ୍ରସାଦ ସିଂ

ଭୁବନେଶ୍ୱର,(ପିଆଇବି): ଇସ୍ପାତ ମନ୍ତ୍ରଣାଳୟ ଓଡିଶାର ଇସ୍ପାତ କମ୍ପାନୀଗୁଡିକ ସହିତ ଏକ ମତ ବିନିମୟ କାର୍ଯ୍ୟକ୍ରମର ଆୟୋଜନ କରିଛନ୍ତି। ଭୁବନେଶ୍ୱରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଶ୍ରୀ ରାମ ଚନ୍ଦ୍ର ପ୍ରସାଦ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ଓଡିଶାରେ ଥିବା ପ୍ରାଥମିକ ଓ ଦ୍ୱିତୀୟକ ଇସ୍ପାତ କମ୍ପାନୀର ପ୍ରତିନିଧି ମାନେ ଅଂଶଗ୍ରହଣ କରିଥିଲେ । ଇସ୍ପାତ କ୍ଷେତ୍ରରେ ଦେଖା ଦେଉଥିବା ଆହ୍ୱାନ ଗୁଡିକୁ କମ୍ପାନୀ ଅଧିକାରୀମାନେ ଉପସ୍ଥାପନ କରିଥିଲେ, ଯେଉଁଥିରେ ଏହି ଶିଳ୍ପ ପାଇଁ ଏକ ଉତ୍ତମ ପରିସଂସ୍ଥାନ ବିଶେଷ ଭାବରେ ପୁଞ୍ଜି, କଞ୍ଚାମାଲ ଯୋଗାଣ, ଯୋଗାଯୋଗ ସୁବିଧା ଓ ଦ୍ୱିତୀୟକ କମ୍ପାନୀ ଗୁଡ଼ିକ ପାଇଁ ସହାୟତା ଅନ୍ତର୍ଭୁକ୍ତ ଥିଲା ।




ଏହି ଅଧିବେଶନକୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ସିଂ ଇସ୍ପାତ ଉତ୍ପାଦନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ବୋଲି କହିଛନ୍ତି । ୱାର୍ଲ୍ଡ ସ୍କିଲ୍ ସେଣ୍ଟର, ଭୁବନେଶ୍ୱର ଭଳି ଅନୁଷ୍ଠାନ ମାଧ୍ୟମରେ ଓଡ଼ିଶା ସରକାର ଦକ୍ଷତା ବିକାଶ ଉପରେ ସଠିକ୍ ଧ୍ୟାନ ଦେଇଛନ୍ତି ଯାହାକି ବର୍ତ୍ତମାନ ସମୟରେ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାରେ ମଧ୍ୟ ଖଣିଜ, ପ୍ରାକୃତିକ ସମ୍ପଦ, ପରିବହନ ସୁବିଧା ତଥା ପର୍ଯ୍ୟାପ୍ତ ବିଦ୍ୟୁତ ଶକ୍ତି ରହିଛି, ଯାହାକି ଓଡ଼ିଶାକୁ ଏକ ଉତ୍କୃଷ୍ଟ ନିବେଶ ସ୍ଥାନରେ ପରିଣତ କରିଛି ବୋଲି ସେ କହିଛନ୍ତି । ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ତଥା ଯୋଜନା ଯେପରିକି ଗତିଶକ୍ତି ମାଷ୍ଟରପ୍ଲାନ ଦ୍ୱାରା ଇସ୍ପାତ ବ୍ୟବହାର ବୃଦ୍ଧି ପାଇବ, ଯେଉଁଥିରେ ଦ୍ୱିତୀୟକ ଇସ୍ପାତ କ୍ଷେତ୍ରର ଅବଦାନ ବହୁତ ଅଧିକ ହେବ। ଏହି କ୍ଷେତ୍ରର ବିକାଶ ପାଇଁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହେଉଛି ବୋଲି ମଧ୍ୟ ସେ ସୂଚନା ଦେଇଥିଲେ । ମନ୍ତ୍ରଣାଳୟର ଅଧିକାରୀମାନେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଇସ୍ପାତ ଶିଳ୍ପ ସମସ୍ୟାର ସମାଧାନ ପାଇଁ ସରକାର ସକ୍ରିୟ ଭାବରେ ସମସ୍ତ ପଦକ୍ଷେପ ନେଉଛନ୍ତି ଏବଂ ଏହି ଉଦ୍‌ଯୋଗରେ ବିଶେଷ ଭାବରେ ଦ୍ୱିତୀୟକ ଇସ୍ପାତ କମ୍ପାନୀଗୁଡିକର ପ୍ରଗତିରେ ବାଧା ସୃଷ୍ଟି କରୁଥିବା ନିର୍ଦ୍ଦିଷ୍ଟ ବିଷୟ ଉପରେ ମତାମତ ଏବଂ ପରାମର୍ଶକୁ ସ୍ୱାଗତ କରିଛନ୍ତି। ଏହି ମତ ବିନିମୟ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଇସ୍ପାତ କମ୍ପାନୀ ଗୁଡିକର ପ୍ରତିନିଧି ଏବଂ ଇସ୍ପାତ ମନ୍ତ୍ରଣାଳୟ ଓ ରାଷ୍ଟ୍ରାୟତ ଉଦ୍ୟୋଗର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

# ପୁଟିନଙ୍କ ସହ କଥାହେଲେ ମୋଦୀ

ନୂଆଦିଲ୍ଲୀ : ୟୁକ୍ରେନ ଉପରେ ରୁଷିଆ ସାମରିକ ଆକ୍ରମଣ ଆରମ୍ଭ କରିଛି। ଏଭଳି ସ୍ଥିତିରେ ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ଟେଲିଫୋନରେ କଥା ହୋଇଛନ୍ତି। ତୁରନ୍ତ ହିଂସା ବନ୍ଦ ପାଇଁ ପୁଟିନଙ୍କୁ ମୋଦୀ କହିଛନ୍ତି। ସମସ୍ୟାର ସମାଧାନ ପାଇଁ ସବୁପକ୍ଷ ଆଲୋଚନା ଓ କୂଟନୈତିକ ରାସ୍ତାକୁ ଫେରନ୍ତୁ । ଏଥିସହିତ ୟୁକ୍ରେନ ରେ ଥିବା ଭାରତୀୟ ନାଗରିକ, ବିଶେଷକରି ଛାତ୍ରଛାତ୍ରୀଙ୍କ ସୁରକ୍ଷା ସଂପର୍କରେ ଭାରତର ଚିନ୍ତା ସଂପର୍କରେ ମୋଦୀ ପୁଟିନଙ୍କୁ ଅବଗତ କରିଛନ୍ତି। ସେମାନେ କିଭଳି ସୁରକ୍ଷିତ ଭାବେ ୟୁକ୍ରେନ ରୁ ଭାରତକୁ ଫେରିବେ ତାହା ଉପରେ ଭାରତ ସର୍ବାଧିକ ଗୁରୁତ୍ୱ ଦେଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଦୁଇ ଦେଶର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ଉଭୟ ଦେଶର ଅଧିକାରୀମାନେ ନିୟମିତ ଯୋଗାଯୋଗରେ ରହିବେ ବୋଲି ଦୁଇ ନେତାଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଛି। ନାଟୋ ଏବଂ ରୁଷ୍ ମଧ୍ୟରେ ରହିଥିବା ବିବାଦର କୂଟନୈତିକ ସମାଧାନ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ରାଷ୍ଟ୍ରପତି ପୁଟିନ ଏହି ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀଙ୍କୁ ୟୁକ୍ରେନ ବିରୋଧରେ ଚାଲିଥିବା ସାମରିକ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତ ନିଷ୍ପତ୍ତି ଏବଂ ସୁରକ୍ଷା ସୁରକ୍ଷା ସଂକ୍ରାନ୍ତରେ ଅବଗତ କରାଇଛନ୍ତି।



# ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ବଡ ବଡ ସହର ବାହାରକୁ ସମ୍ପ୍ରସାରଣ କରିବା ପାଇଁ ସରକାର କାମ କରୁଛନ୍ତି: ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ: 'ଏକ ଭାରତ, ଏକ ସ୍ୱାସ୍ଥ୍ୟ' ଲକ୍ଷ୍ୟ ନେଇ ସରକାର ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିକୁ ଦେଶର ବଡ ବଡ ସହର ବାହାରକୁ ସମ୍ପ୍ରସାରଣ କରିବା ଲାଗି କାମ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି।


କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର ବଜେଟ୍ ପରବର୍ତ୍ତୀ ୱେବିନର୍ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ମୋଦୀ କହିଲେ, ଭାରତର ବଡ ବଡ ସହର ବାହାରେ ମଧ୍ୟ ଆମେ ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମି ନିର୍ମାଣ କରିବାକୁ ଚାହୁଁଛୁ। 'ଏକ ଭାରତ, ଏକ ସ୍ୱାସ୍ଥ୍ୟ' ଭାବଧାରାରେ ଗାଁଗଣ୍ଡାରେ ବ୍ଲକ୍ ଓ ଜିଲ୍ଲାସ୍ତରରେ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ କରାଯିବ। ସେଗୁଡିକର ତତ୍ତ୍ୱାବଧାନ ଏବଂ ଉନ୍ନତୀକରଣରେ ଘରୋଇ କ୍ଷେତ୍ର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ପ୍ରଚଳନ ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହା ସ୍ୱାସ୍ଥ୍ୟସେବା ଭିତ୍ତିଭୂମି କ୍ଷେତ୍ରରେ ବିପ୍ଳବାତ୍ମକ ପରିବର୍ତ୍ତନ ଆଣିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ, କେବଳ ସ୍ୱାସ୍ଥ୍ୟ ନୁହେଁ, ସୁସ୍ଥତା ଉପରେ ମଧ୍ୟ ସରକାରଙ୍କ ଧ୍ୟାନ ରହିବ। ଏଥିପାଇଁ ବଜେଟ୍‌ରେ ତିନୋଟି କଥା ବିଚାରକୁ ନିଆଯାଇଛି। ତାହା ହେଉଛି, ଆଧୁନିକ ଭିତ୍ତିଭୂମି ଓ ମାନବ ସମ୍ବଳ ସମ୍ପ୍ରସାରଣ, ଗବେଷଣାକୁ ପ୍ରୋତ୍ସାହନ ଏବଂ ଆଧୁନିକ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ପରିଗ୍ରହଣ।

ଡାକ୍ତରୀ ପଢ଼ିବାକୁ ଯାଇ ୟୁକ୍ରେନ୍‌ରେ ଫସି ଯାଇଥିବା ପିଲାଙ୍କ କଥା ଦର୍ଶାଇ ପ୍ରଧାନମନ୍ତ୍ରୀ କହିଲେ, ଆଜି ଆମ ପିଲାମାନେ ପଢ଼ିବା ପାଇଁ, ବିଶେଷକରି ଡାକ୍ତରୀ ପଢ଼ିବା ପାଇଁ ଛୋଟ ଛୋଟ ଦେଶମାନଙ୍କୁ ଯାଉଛନ୍ତି। ସେଠାରେ ତାଙ୍କ ପାଇଁ ଭାଷା ଗୋଟାଏ ସମସ୍ୟା। ତଥାପି ସେମାନେ ଯାଉଛନ୍ତି। ଆମ ଘରୋଇ ଉଦ୍ୟୋଗ ସବୁ କ'ଣ ଏ କ୍ଷେତ୍ରକୁ ବ୍ୟାପକ ଭାବେ ଆସି ପାରିବେ ନାହିଁ ? ଏଥିପାଇଁ ଆମ ରାଜ୍ୟ ସରକାର ଜମି ଆବଣ୍ଟନ ଲାଗି ଉତ୍ତମ ନୀତି ନିର୍ଦ୍ଧାରଣ କରିପାରନ୍ତେ ନାହିଁ ?

# ରୁଷ ସହ ଆଲୋଚନା ପାଇଁ ୟୁକ୍ରେନ ରାଜି: ରୁଷ ମିଡିଆ

ମସ୍କୋ: ୟୁକ୍ରେନ ଉପରେ ଆକ୍ରମଣ ଜାରି ରଖିଛି ରୁଷ । ରୁଷ ସୈନିକ ୟୁକ୍ରେନର ରାଜଧାନୀ କିଭର ନିକଟତର ମଧ୍ୟ ହୋଇଛନ୍ତି । ସେପଟେ ଯୁଦ୍ଧ ରୋକିବାକୁ ଯଥା ସମ୍ଭବ ପ୍ରୟାସ ମଧ୍ୟ କରାଯାଉଛି । ଏହାରି ମଧ୍ୟରେ ଆସିଛି ଏକ ବଡ ଖବର । ୟୁକ୍ରେନ ରାଷ୍ଟ୍ରପତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଆଲୋଚନା କରିବେ । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦମୀର ଜେଲେନସ୍କୀଙ୍କ କାର୍ଯ୍ୟାଳୟ ତରଫରୁ ଟେଲିଗ୍ରାମରେ କୁହାଯାଇଛି ଯେ ଉଭୟ ପକ୍ଷ ବେଲାରୁସର ସୀମାରେ କେଉଁଠି ଏକ ଅନିର୍ଦ୍ଦିଷ୍ଟ ସ୍ଥାନରେ ସାକ୍ଷାତ କରିବେ ।



ରୁଷ ରବିବାର ଘୋଷଣା କରିଥିଲା ଯେ ଏହାର ପ୍ରତିନିଧିମଣ୍ଡଳ ବେଲାରୁସ ପାଇଁ ବାହାରିଯାଇଛନ୍ତି । ଯାହାର କିଛି ଘଣ୍ଟା ପରେ ୟୁକ୍ରେନ ତରଫରୁ ଏହି ପ୍ରତିକ୍ରିୟା ଆସିଛି । ବେଲାରୁସରେ ରୁଷ ବିପୁଳ ସୈନ୍ୟ ସାମନ୍ତ ଠୁଳ କରିଛି ତେଣୁ ସେଠାରେ ଆଲୋଚନା ନକରି କୌଣସି ଅନ୍ୟ ସ୍ଥାନରେ ଆଲୋଚନା କରିବା ଦର୍ଶାଇ ୟକ୍ରେନ ଅଧିକାରୀ ପ୍ରଥମେ ଏହି ପ୍ରସ୍ତାବକୁ ଖାରଜ କରିଦେଇଥିଲେ ଯେ ଆଲୋଚନା । ତେବେ ଉଭୟ ପକ୍ଷ ବେଲାରୁସ ସୀମାରେ ହିଁ ଆଲୋଚନା କରିବେ । ଏହା ପୂର୍ବରୁ ରୁଷ ମିଡିଆ ଦାବି କରିଥିଲେ ଯେ ୟୁକ୍ରେନ ପ୍ରତିନିଧିଦଳ ବେଲାରୁସ ପାଇଁ ବାହାରିଯାଇଛନ୍ତି ଯେଉଁଠାରେ ସେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହଯୋଗୀଙ୍କ ସହ ଆଲୋଚନା କରିବେ ।

# ରୁଚି ଫେଷ୍ଟିଭାଲ ଅଫର୍‌ରେ ଗ୍ରାହକମାନଙ୍କୁ ଆକର୍ଷଣୀୟ ପୁରସ୍କାର

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଓଡ଼ିଶାରେ ଘରେ ଘରେ ବେଶ୍ ଲୋକପ୍ରିୟ ରୁଚି ମସଲା ଦୀର୍ଘ ୪୬ବର୍ଷ ଧରି ତା'ର ପ୍ରିୟ ଗ୍ରାହକମାନଙ୍କୁ ବିଭିନ୍ନ ସମୟରେ ସେମାନଙ୍କ ସହଯୋଗ ପାଇଁ ବିଶେଷ ଉପହାର ଓ ରିହାତି ପ୍ରଦାନ କରିଆସୁଛି । ଏହି କ୍ରମରେ ଗତବର୍ଷ ଜୁଲାଇ-ନଭେମ୍ବର ମଧ୍ୟରେ ରୁଚି କରି ପାଉଡ଼ର, ଚିକେନ ମସଲା, ମିଟ୍ ମସଲା ଓ ଗରମ ମସଲାର ୫୦ ଓ ୧୦୦ ଗ୍ରାମ ପ୍ୟାକ୍‌କୁ ନେଇ ଫେଷ୍ଟିଭାଲ ବୋନାଞ୍ଜା ଅଫର୍ ଜରିଆରେ ଗ୍ରାହକମାନେ ପ୍ରତିଦିନ ସ୍ୱର୍ଣ୍ଣ ଓ ରୌପ୍ୟମୁଦ୍ରା ଉପହାର ଜିତିଥିଲେ । ଲକିଡ୍ର ଜରିଆରେ ଉଠାଣ କରାଯାଇ ବମ୍ପର ପୁରସ୍କାର ଭାବେ ପାରାଦ୍ୱୀପର ଜଣେ କର୍ମଜୀବି ରଂଜନ ପଟ୍ଟନାୟକ ପ୍ରଥମ ପୁରସ୍କାର ଭାବେ ଜିତିଛନ୍ତି ୧୨ ଲକ୍ଷ ଟଙ୍କା ମୂଲ୍ୟର ଟାଟା ନେକ୍ସନ କାର । ଭୁବନେଶ୍ୱରର ସ୍ୱସ୍ତି ପ୍ରିମିୟମଠାରେ ଶନିବାର ଦିନ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ତାରକା ଆକାଶ ଦାସ ନାୟକ ଓ ପ୍ରକୃତି ମିଶ୍ର ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ । ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଉଦ୍ୟୋଗ କ୍ଷେତ୍ରରେ ଗ୍ରାହକମାନଙ୍କ ପାଇଁ ଓଡ଼ିଶାରେ ଏହା ଏକ ବଡ଼ ପୁରସ୍କାର ବୋଲି ଘୋଷଣା କରାଯାଇଛି । ସେହିଭଳି ଦ୍ୱିତୀୟ ପୁରସ୍କାର ଭାବେ କେନ୍ଦ୍ରାପଡ଼ାର ସ୍ୱରାଜ ରାଉତରାୟ, କଟକର ଅକ୍ଷୟ ସ୍ୱାଇଁ, ବ୍ରହ୍ମପୁରର ରବୀନ୍ଦ୍ର କୁମାର ନାୟକଙ୍କୁ ମିଳିଛି ହୋଣ୍ଡା ଆକ୍ଟିଭା ଗାଡ଼ି, ତୃତୀୟ ପୁରସ୍କାର ଭାବେ କଟକର ଜଗନ୍ନାଥ ପାଣିଗ୍ରାହୀ ଓ ସୂର୍ଯ୍ୟକାନ୍ତ ସାହୁ, ଭୁବନେଶ୍ୱରର ଅଭିଜୟ ଦାଶ, ନେମାଳର ମୃତ୍ୟୁଞ୍ଜୟ ଦଳାଇ, ପୁରୀର ହିଂମାଂଶୁ ପ୍ରଧାନଙ୍କୁ ରେଫ୍ରିଜେରେଟର ପୁରସ୍କାର ପ୍ରଦାନ କରାଯାଇଥିଲା । ୪ର୍ଥ ପୁରସ୍କାର ଭାବେ ପୁରୀର ସୁବାସ ସାହୁ, ଭଦ୍ରକର ଶୀତାଂଶୁ ଶେଖର ସାହୁ ଓ ସୁମିତନ ନାୟକ, ଭୁବନେଶ୍ୱରର ଲିନା କାଣ୍ଡି ଓ ଲୋକନାଥ ମହାରଥୀଙ୍କୁ ମାଇକ୍ରୋ ଓଭାନ୍ ଏବଂ ୫ମ ପୁରସ୍କାର ଭାବେ ୧୦ଜଣଙ୍କୁ ମିକ୍ସର ଗ୍ରାଇଣ୍ଡର ଉପହାର ପ୍ରଦାନ କରାଯାଇଥିଲା । ସେହିଭଳି ଅନ୍ୟ ୭ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଶିଷ୍ଟ ଉଦ୍ୟୋଗୀ ତଥା ପ୍ରଯୋଜକ ଅକ୍ଷୟ କୁମାର ପରିଜା ଓ ମହାବୋଧି ସୋସାଇଟିର ଟ୍ରଷ୍ଟି ଡକ୍ଟର ସୌରେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଓଡ଼ିଶାର ଏକନମ୍ବର ମସଲା ବ୍ରାଣ୍ଡ ଭାବେ ଅଶେଷ ଲୋକପ୍ରିୟତା ଅର୍ଜନ କରିଥିବା




ରୁଚି ଉଦ୍ୟୋଗ ୪୬ ବର୍ଷର ଯାତ୍ରା ମଧ୍ୟରେ କୋଟିକୋଟି ଗ୍ରାହକମାନଙ୍କର ବିଶ୍ୱାସନୀୟତାକୁ ପାଥେୟ କରି ସଫଳତା ପାଇଛି ବୋଲି କହିଥିଲେ ବିଶିଷ୍ଟ ଉଦ୍ୟୋଗୀ ତଥା 'ରୁଚି'ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ସାହୁ । ଓଡ଼ିଶାବାସୀଙ୍କ ଏହି ଭଲପାଇବାର ପ୍ରତିଦାନ ଓ ଋଣ ସୁଝିବା ପାଇଁ 'ରୁଚି' ତା'ର ଗ୍ରାହକମାନଙ୍କୁ ପୂର୍ବରୁ ଏଭଳି ଅନେକ ଉପହାର ଦେଇଆସିଛି ଏବଂ ଆଜିର ଏହି ପୁରସ୍କାର ହେଉଛି ସବୁଠାରୁ ଏକ ବଡ଼ ଉପହାର । ଏହି ସ୍ୱତନ୍ତ୍ର ଉପହାର ଯୋଜନାରେ ଗ୍ରାହକମାନଙ୍କ ପାଖରୁ ରୁଚି ୨୫ଲକ୍ଷ ବାର୍ତ୍ତା ପାଇଥିଲା ଓ ୧କୋଟି ୨୦ଲକ୍ଷ ପ୍ୟାକେଟ ବିକ୍ରି କରିଥିଲା । ଏହି ଯୋଜନା ଅବଧିରେ କମ୍ପାନୀ ୪୦ପ୍ରତିଶତ ଅଧିକ ସାମଗ୍ରୀ ବିକ୍ରି କରିଥିଲା । ପ୍ରତିମାସର ପୁରସ୍କାର ସ୍ୱରୂପ ମଧ୍ୟ ପୂର୍ବରୁ ୧୫୦ଜଣ ଗ୍ରାହକଙ୍କୁ ସ୍ୱର୍ଣ୍ଣ ଓ ୧୫୦ଜଣ ଗ୍ରାହକଙ୍କୁ ରୌପ୍ୟମୁଦ୍ରା ପ୍ରଦାନ କରାଯାଇଛି ।ମସଲା, ସିମାଇ, ପାସ୍ତା, ନୁଡୁଲ୍‌ସ, ସେରେଲ୍ସ, ଫ୍ରୋଜନ୍ ରେଡ଼ି ଟୁ ଇଟ୍ ଓ ରେଡ଼ି ଟୁ କୁକ୍ ସାମଗ୍ରୀ ସହିତ ଅନେକ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟସାମଗ୍ରୀ ଏବଂ ପାନୀୟ ପ୍ରସ୍ତୁତ କରୁଥିବା ଓଡ଼ିଶାର ଏକ ବୃହତ ଖାଦ୍ୟପ୍ରକ୍ରିୟାକରଣ ଅନୁଷ୍ଠାନ ଭାବେ 'ରୁଚି' ଓଡ଼ିଶା ଏବଂ ଓଡ଼ିଶା ବାହାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଆଗାମୀ ସୁବର୍ଣ୍ଣ ଜୟନ୍ତୀ ବର୍ଷ ପାଳନ ପରିପ୍ରେକ୍ଷୀରେ ଗ୍ରାହକମାନଙ୍କ ପାଇଁ ଅନୁରୂପ ଉପହାର ଯୋଜନା ଜାରି ରହିବ ବୋଲି କହିଥିଲେ ନିର୍ଦ୍ଦେଶକ ଅରବିନ୍ଦ ସାହୁ । ଏହି ଅବସରରେ ରୁଚି ସାମଗ୍ରୀଗୁଡ଼ିକୁ ନେଇ ପ୍ରସ୍ତୁତ ମସାଲେଦାର କଂବୋ ପ୍ୟାକ୍ ମଧ୍ୟ ଉନ୍ମୋଚିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ 'ରୁଚି'ର ନିର୍ଦ୍ଦେଶିକା ଶ୍ରୀମତୀ ସଙ୍ଗୀତା ସାହୁ, ରଶ୍ମୀ ସାହୁ, ସଲିନା ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ରୁଚିର ମାର୍କେଟିଂ ବିଭାଗ ମୁଖ୍ୟ ଦେବବ୍ରତ ପଟ୍ଟନାୟକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । କଣ୍ଠଶିଳ୍ପୀ ସତ୍ୟଜିତ ଜୟହୋ ସଙ୍ଗୀତ ପରିବେଷଣ କରିଥିଲା ବେଳେ କଳାକାର ପ୍ରଜ୍ଞା, ଶଙ୍କର, ଶିବାନୀ ପ୍ରମୁଖ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ମୋକ୍ଷ ଡ୍ୟାନ୍ସ ଏକାଡ଼େମୀ ପକ୍ଷରୁ ମନୋଜ୍ଞ ସାଂସ୍କୃତିକ ବିଚିତ୍ରା ପରିବେଷଣ କରାଯାଇଥିଲା । ଜାଗୃତି ଓ ଅଙ୍କିତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ରୁଚିର ସେଲସ୍ ହେଡ୍ ଦିଲ୍ଲୀପ ସାହୁ, ମାନବସମ୍ବଳ ବିଭାଗ ସହକାରୀ ମହାପ୍ରବନ୍ଧକ ଅମ୍ବରୀଶ ପଟ୍ଟନାୟକ, ଲୋକସଂପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ, ପ୍ରଶାସନିକ ପ୍ରବନ୍ଧକ ମୃଣାଳିନୀ ରାଉତ, ହେରାଲଡ଼୍‌ର ମୁଖ୍ୟ ସୂର୍ଯ୍ୟ ରଥ, ହ୍ୱାଇଟ କାନଭାସ୍‌ର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା, ବିଷ୍ଣୁ ମିଶ୍ର, ରୁଚିର ଉପପ୍ରବନ୍ଧକ ନ୍ୟାୟବ୍ରତ ରାଉତ, ଅଙ୍କିତ ମହାପାତ୍ର, ସାଗର ରଂଜନ ବାରିକ ଓ ସୋନାଲି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




# ଅର୍ଥର ଅଭାବ ଦୂର କରିବାକୁ ଚାହୁଁଥିଲେ....





**ପାଣିରେ ଭରନ୍ତୁ ସୁରେଇ-** ଘରର ଉତ୍ତର ଦିଗରେ ପାଣି ଭର୍ତ୍ତି ସୁରେଇ ରଖିବା ଉଚିତ୍। ଯଦ୍ୱାରା ଘରେ ଧନର ଅଭାବ ଜଣା ପଡ଼ିନଥାଏ। ସୁରେଇ ନ ଥିଲେ ମାଟିର ଛୋଟ ଘଡ଼ିରେ ପାଣି ଭରି ରଖନ୍ତୁ। ଏହାକୁ କେବେ ଖାଲି ଛାଡ଼ନ୍ତୁ ନାହିଁ। ପାଣି ସରିବା ମାତ୍ରେ ଏଥିରେ ପାଣି ଭରି ରଖନ୍ତୁ।

**ହନୁମାନଙ୍କ ମୂର୍ତ୍ତି-**ଦକ୍ଷିଣ-ପଶ୍ଚିମ ଦିଗ ଭଗବାନ ହନୁମାନଙ୍କ ଦିଗ ବୋଲି ମାନିଥାନ୍ତି। ଏଥିପାଇଁ ଘରର ଦକ୍ଷିଣ-ପଶ୍ଚିମ ଦିଗରେ ଭଗବାନଙ୍କ ପଞ୍ଚମୁଖୀ ମୂର୍ତ୍ତି ଲଗାଯାଇ ନିୟମିତ ଭାବେ ପୂଜା କରନ୍ତୁ।



**ଘରେ ରଖନ୍ତୁ ପିରାମିଡ୍-** ଘରେ ଯଦି ଆପଣ ପିରାମିଡ୍ ରଖୁଛନ୍ତି ଘରର ସଦସ୍ୟଙ୍କ ଆୟବୃଦ୍ଧି ହେବାରେ ଏହା ସାହାଯ୍ୟ କରିଥାଏ ଘରର ଯେଉଁଠି ସମସ୍ତେ ଅଧିକ ସମୟ ବିତାଉଥାନ୍ତି ସେଠାରେ ରୂପା, ପିତଳ କିମ୍ବା ତମ୍ବାର ପିରାମିଡ୍ ରଖନ୍ତୁ। ଯଦି ଏପରି କରିପାରୁନାହାଁନ୍ତି ତେବେ କାଠର ପିରାମିଡ୍ ରଖନ୍ତୁ।

**ଧାତୁରେ ତିଆରି କଇଁଛ ଓ ମାଛ-** କଇଁଛ ଏବଂ ମାଛକୁ ଭଗବାନ ବିଷ୍ଣୁଙ୍କର କଇଁଛ ଏବଂ ମତ୍ସ୍ୟ ଅବତାର ବୋଲି ସମସ୍ତେ ମାନିଥାନ୍ତି। ଧାତୁରେ ତିଆରି କଇଁଛ କିମ୍ବା ମାଛକୁ ଘରେ ରଖନ୍ତୁ। ଏପରି କରିବାଦ୍ୱାରା ଘରର ସମସ୍ତ ସମସ୍ୟା ଦୂର ହୋଇଥାଏ।

**ଲକ୍ଷ୍ମୀ ଓ କୁବେରଙ୍କ ଫଟୋ-**ବାସ୍ତୁ ଅନୁଯାୟୀ ଉଭୟ ସକାରାତ୍ମକ ଓ ନକାରାତ୍ମକ ଭାବ ଘରର ମୁଖ୍ୟଦ୍ୱାର ଦେଇ ପ୍ରବେଶ କରିଥାଏ। ମୁଖ୍ୟ ଦ୍ୱାରରେ ଦେବୀ ଲକ୍ଷ୍ମୀ ଏବଂ ଭଗବାନ କୁବେରଙ୍କ ଫଟୋ ଲଗାଇଲେ ଘରେ କେବେ ପଇସାର ଅଭାବ ରହିନଥାଏ।

**ବାସ୍ତୁ ଦେବତାଙ୍କ ମୂର୍ତ୍ତି-**ଘରେ ଦେଖା ଦେଉଥିବା ଅର୍ଥର ଅଭାବ ବେଳେବେଳେ ବାସ୍ତୁ ଦୋଷ ପାଇଁ ହୋଇଥାଏ। ଘରେ ବାସ୍ତୁ ଭଗବାନଙ୍କ ମୂର୍ତ୍ତି କିମ୍ବା ଫଟୋ ଲଗାଇଲେ ଘରର ସମସ୍ତ ବାସ୍ତୁ ଦୋଷ କଟିଯାଏ ଏବଂ ଘରେ ଅର୍ଥର ଅଭାବ ହୋଇନଥାଏ।



# ଅଧିକ ପ୍ରୋଟିନ୍ ସ୍ୱାସ୍ଥ୍ୟ ପାଇଁ ହାନିକାରକ

**ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ ପ୍ରୋଟିନ୍। ଏହା ମାଂସପେଶୀ ଏବଂ ହାଡ଼ପାଇଁ ଅଧିକ ଉପଯୋଗୀ ହୋଇଥାଏ। ତେବେ ଅଧିକ ପ୍ରୋଟିନ୍ ଖାଇଲେ ଶରୀରରେ ଦେଖା ଦେଇଥାଏ ଅନେକ ସମସ୍ୟା...**

**ଶରୀରର କ୍ଷତି ହାଇ ପ୍ରୋଟିନ୍-** ଆବଶ୍ୟକତାଠୁ ଅଧିକ ପ୍ରୋଟିନ୍ ଖାଇଲେ ଶରୀର ଉପରେ ଏହା କୁପ୍ରଭାବ ପକାଇଥାଏ। କୀଟୋସ୍‌ର ମାତ୍ରା ବଢ଼ିଯାଏ। କୀଟୋସ୍ ଏମିତି ଏକ ପଦାର୍ଥ ଯାହା ଶରୀରକୁ କ୍ଷତି ପହଞ୍ଚାଇବାର ଉଦ୍ୟମ କରିଥାଏ। ଏହାକୁ ଶରୀରରୁ ନିଷ୍କାସିତ କରିବା ପାଇଁ ଅଧିକ ପାଣି ପିଇବା ଉଚିତ୍। ଯଦ୍ୱାରା ଏହା ଶରୀରରୁ ବାହାରି ଥାଏ।

**ଅସ୍ଥି ରୋଗ-** ଅଧିକ ପ୍ରୋଟିନ୍ ଖାଇଲେ ଶରୀରରେ ଅସ୍ଥିଜନିତ ରୋଗ ମଧ୍ୟ ହୋଇଥାଏ।

**କିଡ୍‌ନୀ ରୋଗୀଙ୍କୁ ପ୍ରୋଟିନ୍ ମନା-**କିଡ୍‌ନୀ ଏବଂ ୟୁରିକ୍ ଏସିଡ୍‌ର ରୋଗୀ ପ୍ରୋଟିନ୍ ସେବନ କରନ୍ତୁ ନାହିଁ। କିଡ୍‌ନୀ ଶରୀରରୁ ପ୍ରୋଟିନ୍‌ର ମାତ୍ରାକୁ ଠିକ୍ ଭାବେ ନିଷ୍କାସିତ କରିନଥାଏ। ଯଦ୍ୱାରା କିଡ୍‌ନୀରେ ପଥର ହେବାର ଆଶଙ୍କା ଥାଏ।

**ଓଜନ ହିସାବରେ ପ୍ରୋଟିନ୍ ନିଅନ୍ତୁ-**ଆବଶ୍ୟକତାଠୁ ଅଧିକ ପ୍ରୋଟିନ୍ ସେବନ କରିବା ଦ୍ୱାରା ଏହା ଅନେକ ସମସ୍ୟାକୁ ଜନ୍ମ ଦେଇଥାଏ। ନିଜ ଓଜନ ଓ ଶାରୀରିକ ପରିଶ୍ରମ ଅନୁସାରେ ଜଣେ ପ୍ରୋଟିନ୍ ନେବା ଉଚିତ୍।

**ଉତ୍ତମ ପ୍ରୋଟିନ୍-** ଶରୀର ପାଇଁ ଅନେକ ପ୍ରୋଟିନ୍ ଅଛି। କିନ୍ତୁ ସର୍ବଦା ଉତ୍ତମ ପ୍ରୋଟିନ୍ ନେବା ଆବଶ୍ୟକ। ଯଥା-ସୋୟାବିନ୍, ଦହି, ପନୀର୍ ଓ କ୍ୟାଲ୍‌ସିୟମ୍ ।





# ପିଲାଙ୍କ କ୍ୟାନ୍ସରକୁ ରୋକିପାରେ ଗ୍ରୀନ ଟି

ଗ୍ରୀନ ଟି ମଣିଷର ଦୈନନ୍ଦିନ ଜୀବନରେ ଏକ ଆଶୀର୍ବାଦ ସଦୃଶ ଉଭା ହୋଇଥାଏ । ଗ୍ରୀନ ଟି ପିଇବା ଦ୍ୱାରା ଶରୀରରେ କେତେ ପ୍ରକାର ରୋଗ ଦୂର ହୋଇଥାଏ । ମୁଣ୍ଡବିନ୍ଧା , ଡିପ୍ରେସନ ସମୟରେ ଏହା ଏକ ପ୍ରକୃତ ମେଡିସିନ ଭଳି କାମ ଦେଉଥିବା ବେଳେ ଶରୀରରେ କୋଲେଷ୍ଟୋରେଲ ପରିମାଣକୁ ନିୟନ୍ତ୍ରଣରେ ରଖିଥାଏ । ଏବେ ଏକ ଅନୁସନ୍ଧାନରୁ ଜଣାଯାଇଛି ଯେ, ଗ୍ରୀନ ଟି ଶୈଶବ ଅବସ୍ଥାରେ ଦେଖାଯାଉଥିବା କ୍ୟାନ୍ସରକୁ ଦୂର କରିଥାଏ । କ୍ୟାନ୍ସର ଅନୁସନ୍ଧାନକାରୀ ଓରାଭିଓ ଭିଟାରିଓ ପ୍ରକାଶ କରିଛନ୍ତି ଯେ, ଗ୍ରୀନ ଟି ପିଇବା ଦ୍ୱାରା ଶରୀରରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଅଧିକ ଶକ୍ତିଶାଳୀ ହୋଇ କାର୍ଯ୍ୟ କରିଥାଏ । ଫଳରେ ନେରୋ୍ୟାବ୍ଲାଷ୍ଟମା କ୍ୟାନ୍ସର ସେଲରୁ ଗ୍ରୀନ ଟି ୫୦ ପ୍ରତିଶତ କ୍ୟାନ୍ସର ଜୀବାଣୁ ଗୁଡିକୁ ନଷ୍ଟ କରିବାରେ ସମର୍ଥ ହୋଇଥାଏ । ନେରୋ୍ୟାବ୍ଲାଷ୍ଟମା କ୍ୟାନ୍ସର ମୁଖ୍ୟତଃ ଶିଶୁମାନଙ୍କ ଠାରେ ଦେଖାଯାଇଥାଏ । ଏହି କ୍ୟାନ୍ସରକୁ ଗ୍ରୀନ ଟି ମାଧ୍ୟମରେ ଚିକିତ୍ସା କରାଇବା ଅତ୍ୟନ୍ତ ନିରାପଦ ଓ ପାର୍ଶ୍ୱପ୍ରତିକ୍ରିୟାବିହୀନ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ।

# ସୂର୍ଯ୍ୟମୁଖୀ ଫୁଲ ଓ ମଞ୍ଜିରୁ ମିଳିଥାଏ ଅନେକ ଫାଇଦା

ସୂର୍ଯ୍ୟମୁଖୀ ଫୁଲ କେବଳ ଦେଖିବା ପାଇଁ ସୁନ୍ଦର ନୁହେଁ ଏଥିରେ ରହିଛି ଅନେକ ଲାଭକାରୀ ଗୁଣ। ସୂର୍ଯ୍ୟମୁଖୀ ଫୁଲର ଆକାର ସୂର୍ଯ୍ୟଙ୍କ ଭଳି ହୋଇଥିବା ହେତୁ ଏହାର ନାମ ସୂର୍ଯ୍ୟମୁଖୀ। ବିବାହ କିମ୍ବା ଅନ୍ୟ ଉତ୍ସବରେ ଏହି ଫୁଲକୁ ସାଜସଜ୍ଜା ପାଇଁ ବ୍ୟବହୃତ କରାଯାଏ। ମାତ୍ର ସୂର୍ଯ୍ୟମୁଖୀ ମଂଜି ଖାଦ୍ୟ ରୂପେ ବ୍ୟବହାର କରାଯାଉଥିବା କଥା ଖୁବ୍ କମ ଲୋକଙ୍କୁ ଜଣା। ଏହି ମଂଜି ଶରୀର ପାଇଁ ବହୁ ଉପକାରୀ ଅଟେ। ଏହାକୁ ଫାଷ୍ଟଫୁଡରେ ମଧ୍ୟ ବ୍ୟବହାର କରାଯାଇଥାଏ। ଆସନ୍ତୁ ଜାଣିବା ସୂର୍ଯ୍ୟମୁଖୀର ମଂଜିରୁ ମିଳୁଥିବା ସ୍ୱାସ୍ଥ୍ୟ ଲାଭ ସମ୍ପର୍କରେ କିଛି ବିଶେଷ ତଥ୍ୟ। ସୂର୍ଯ୍ୟମୁଖୀ ମଞ୍ଜିର ତେଲ ମଧୁମେହ ଏବଂ ହୃଦରୋଗୀମାନଙ୍କ ପାଇଁ ବହୁତ ଲାଭକାରୀ। ଏହି ତେଲରେ ଭିଟାମିନ ଏ, ଡି ଏବଂ ଇ ରହିଥାଏ। ହୃଦୟକୁ ସୁସ୍ଥ ରଖେ: ସୂର୍ଯ୍ୟମୁଖୀ ମଂଜିରେ ଭିଟାମିନ ସି ରହିଛି ଯାହା ହୃଦୟ ଜନିତ ରୋଗ ସମସ୍ୟାରୁ ରକ୍ଷା କରିବା କାର୍ଯ୍ୟ କରିଥାଏ। ଭିଟାମିନ-ଇ କୋଲେଷ୍ଟରେଲକୁ ନିୟନ୍ତ୍ରଣ କରିଥାଏ, ଯେଉଁ କାରଣରୁ ହୃଦଘାତରୁ ସମସ୍ୟା କମ ରହିଥାଏ।


**ପେଟ ପାଇଁ ଉପକାରୀ:** ସୂର୍ଯ୍ୟମୁଖୀ ମଂଜିରେ ଫାଇବାର ଭରପୂର ମାତ୍ରାରେ ରହିଥାଏ। ଏହାକୁ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟାରୁ ଉପଶମ ମିଳିଥାଏ।

**କ୍ୟାନସର ସମସ୍ୟାକୁ ରୋକିଥାଏ:** ଏହି ମଂଜି କ୍ୟାନସରକୁ ରୋକିବାର ଗୁଣ ଥାଏ। ଏଥିରେ ମହଜୁଦ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀର ପାଇଁ ଲାଭପ୍ରଦ ହୋଇଥାଏ।

**ହାଡ ରଖେ ମଜଭୁଦ:** ସୂର୍ଯ୍ୟମୁଖୀ ମଂଜିରେ ମ୍ୟାଗ୍ନେସିୟମ ଭରପୁର ମାତ୍ରାରେ ଥାଏ। ଏହାକୁ ଖାଇବା ଦ୍ୱାରା ହାଡ ମଜଭୁତ ରହିବା ସହ ଶରୀର ଗତିଶୀଳ ହୋଇଥାଏ। ଗଣ୍ଠି ସମସ୍ୟାରୁ ମଧ୍ୟ ଉପାମ ମିଳିଥାଏ।



# କେଉଁମାନଙ୍କୁ ମହାମୂର୍ଖ କୁହାଯାଏ



ଆଚାର୍ଯ୍ୟ ଚାଣକ୍ୟ ଭାରବର୍ଷର ଜଣେ ମହାନ ବିଦ୍ୱାନ ଥିଲେ। ଚାଣକ୍ୟ ନିଜ ଜୀବନର ଅନୁଭବକୁ ଚାଣକ୍ୟନୀତି ଭାବରେ ପ୍ରକାଶିତ କରିଥିଲେ। କୁହାଯାଏ ଚାଣକ୍ୟଙ୍କ ନୀତି ଗୁଡିକୁ ଯଦି କୌଣସି ବ୍ୟକ୍ତି ନିଜ ଜୀବନରେ କାମରେ ଲଗାଏ ତେବେ ସେ ସଫଳ ହୋଇଥାଏ। କିନ୍ତୁ ଚାଣକ୍ୟ ନୀତିରେ ଏପରି ବି କିଛି କଥା ଅଛି ଯାହାକୁ ନକରିବାକୁ ବି ମାନିବାକୁ ପଡିବ। ଅର୍ଥାତ୍ ଏପରି କାମରୁଥିବା ଲୋକଙ୍କୁ ଚାଣକ୍ୟ ମହାମୁର୍ଖ କହିଛନ୍ତି। ଆଜି ଆମେ ଚାଣକ୍ୟଙ୍କ ମତଅନୁସାରେ କିଛି ମୁଖ୍ୟ ବ୍ୟକ୍ତିଙ୍କ ଲକ୍ଷଣ ବିଷୟରେ କହିବୁ। ଯେଉଁଥିରୁ ଆପଣ ଅନୁମାନ କରିନେବେ ଯେ ଆପଣଙ୍କ ଆଖପାଖରେ ଏଭଳି ସ୍ୱଭାବର ଥିବା ବ୍ୟକ୍ତିଜଣକ ମହା ମୁର୍ଖ ଅଟନ୍ତି।

କିଛି ଲୋକ ଏମିତି ବି ଅଛନ୍ତି ଯେଉଁମାନଙ୍କ ମଧ୍ୟରେ ଜ୍ଞାନ ତ ବିଲକୁଲ ନଥାଏ କିନ୍ତୁ ଏହା ସତ୍ତ୍ୱେ ବି ସେମାନେ ଗର୍ବ କରିଥାଆନ୍ତି। ସେଥିପାଇଁ ଯଦି କୌଣସି ବ୍ୟକ୍ତି ବିନା ଜ୍ଞାନରେ ଗର୍ବ କରିଥାଏ ତେବେ ସେ ସବୁଠାରୁ ବଡ ମୁର୍ଖ ଭାବରେ ଗଣାଯାଏ।

ଯେଉଁଲୋକ ମାନେ ଦରିଦ୍ର ହୋଇବି ବଡ ବଡ ସ୍ୱପ୍ନ ଦେଖନ୍ତି ଓ ବିନା ପରିଶ୍ରମ କରି ଧନବାନ ହେବାର ଇଚ୍ଛା ରଖନ୍ତି, ଏହିଭଳି ଲୋକମାନେ ମୁର୍ଖ ରେ ଗଣା ହୁଅନ୍ତି। କିଛି ଲୋକ ନିଜର କାମ ଛାଡି ଅନ୍ୟର କାମରେ ଲାଗି ଥାଆନ୍ତି । ଚାଣକ୍ୟଙ୍କ ଅନୁସାରେ ଏହିଭଳି ଲୋକମାନେ ସବୁଠୁ ବଡ ମୁର୍ଖ ହୋଇଥାଆନ୍ତି।

ଯେଉଁ ଲୋକମାନେ ଭୁଲ କାମ କରନ୍ତି ବା ଖରାପ ସଙ୍ଗତିରେ ରହିଥାଆନ୍ତି , ଚାଣକ୍ୟଙ୍କ ମତରେ ଏମାନେ ମୁର୍ଖ। ଦରକାରୀ ଜିନିଷ ତ କିଣିବା ଉଚିତ। କିନ୍ତୁ ଯେଉଁମାନେ ବିନା ମତଲବ ରେ ବ୍ୟର୍ଥ ଜିନିଷ କିଣିଥାନ୍ତି, ସେମାନେ ବି ମୁର୍ଖ ହୋଇଥାଆନ୍ତି।

କିଛି ଲୋକ ଜାଣିଶୁଣି ନିଜ ଠାରୁ ଶକ୍ତିଶାଳୀ ବ୍ୟକ୍ତିଙ୍କ ସହ ଶତ୍ରୁତା କରି ବସନ୍ତି। ଯେଉଁ ବ୍ୟକ୍ତି ଏହି ଭଳି କରିଥାଏ ସେ ମହାମୁର୍ଖ ଶ୍ରେଣୀର ଗଣାଯାଏ। ଯେଉଁ ଲୋକ ଶତ୍ରୁକୁ ମିତ୍ର ଓ କରି ନିଅନ୍ତି ଓ ବନ୍ଧୁଙ୍କୁ ଘୃଣା କରିବାକୁ ଲାଗନ୍ତି , ସେମାନେ ମୁର୍ଖ ଶ୍ରେଣୀରେ ରୁହନ୍ତି ।

ଯେଉଁ ଲୋକ ମାନେ ପୁରାଦିନ ଖରାପ କାମ କରନ୍ତି ଓ ଯେଉଁମାନଙ୍କର ମନ ଖରାପ କାମରେ ଲାଗିଥାଏ ସେମାନେ ବି ମୁର୍ଖ ହୋଇଥାଆନ୍ତି । ଯେଉଁବ୍ୟକ୍ତି ଅନ୍ୟ ବ୍ୟକ୍ତିଙ୍କ ସାମ୍ନାରେ ନିଜର କାର୍ଯ୍ୟର ରହସ୍ୟ ଖୋଲି ଦିଅନ୍ତି ଓ ବିନା କାରଣରେ କାହା ଉପରେ ସନ୍ଦେହ କରନ୍ତି ଏମାନେ ମୁର୍ଖ ଅଟନ୍ତି। ଯେଉଁମାନେ ଭଗବାନଙ୍କ ଉପରେ ଆସ୍ଥା ରଖନ୍ତି ନାହିଁ ତାଙ୍କୁ ନାସ୍ତିକ କୁହାଯାଏ। ଭଗବାନଙ୍କୁ ମାନୁଥିବା ବ୍ୟକ୍ତି ଓ ତାଙ୍କୁ ଅପମାନ କରୁଥିବା ବ୍ୟକ୍ତି ସବୁଠାରୁ ବଡ ମୁର୍ଖ।

ଅଳସୁଆ ଲୋକମାନେ ଯେଉଁମାନଙ୍କୁ ସମୟର ମୂଲ୍ୟ ଜଣା ନଥାଏ। ଏହିଭଳି ଲୋକମାନେ ବି ମୁର୍ଖ ହୋଇଥାଆନ୍ତି।

# ଚକୋଲେଟ୍‌ରେ ବି ରହିଛି ସ୍ୱାସ୍ଥ୍ୟ ବର୍ଦ୍ଧକ ଗୁଣ



ନିଜ ଲୋକଙ୍କୁ ଖୁସିରେ ଜକୋଲେଟ୍ ଦେବା ଏକ ଭଲ ଅସ୍ପନ। ଚକୋଲେଟ୍ ବି କେବଳ ପିଲା ମାନଭ୍‌କର ପସନ୍ଦ ନୁହେଁ । ଏହା ବଢ ମାନଙ୍କୁ ବହୁତ ପସନ୍ଦ ଲାଗେ। ଖାଦ୍ୟ ଖାଇବା ପରେ କିଛି ମିଠା ଖାଇବା ସମୟରେ ଚକୋଲେଟ୍ ବି ଖିଆ ଯାଇଥାଏ। ଚକୋଲେଟ୍ କେବଳ ଖାଇବାକୁ ଯେ ଭଲ ଲାଗେ ତାହା ନୁହେଁ। ପରନ୍ତୁ ଏହାର କେତେକ ସ୍ୱାସ୍ଥ୍ୟ ବର୍ଦ୍ଧକ ଗୁଣ ବି ରହିଛି। ଚକୋଲେଟ୍ କୋକୋ ମଞ୍ଜିରୁ ନିର୍ମିତ ଏକ ସଂଶାଧନ ପଦାର୍ଥ। କୋକୋ ର ମଞ୍ଜିର ସ୍ୱାଦ ଅତ୍ୟନ୍ତ କଡା ହୋଇଥାଏ। ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ ବି ଅଟେ। ହେଲେ ବେଶି ଚକୋଲେଟ୍ ଖାଇବା ଦେହ ପାଇଁ କ୍ଷତି କାରକ ହୋଇ ପାରେ ।ସିମିତ ପରିମାଣର ଚକୋଲେଟ୍ ଖାଇଲେ ଏହା ଦେହ ପାଇଁ ଲଭକାରୀ ହୋଇପାରେ। ଆସନ୍ତୁ ଜାଣିବା ଚକୋଲେଟ୍ ଖାଇବାର ଉପକାରୀତା ବିଷୟରେ। କାସ ହେଉଥିଲେ, ଚକୋଲେଟ୍ ଖାଇଲେ, ଏହା ଉପକାର କରେ। ଚିକିତ୍ସା ବିଜ୍ଞାନିଙ୍କ ରିସର୍ଚ୍ଚରୁ ଜଣା ଯାଇଛି , କୋକୋ ରେ ମିଳୁଥିବା ଥିୟୋବ୍ରୋମାଇନ୍ ତତ୍ୱ ରେ ଚକୋଲେଟ୍ ପ୍ରସ୍ତୁତ କରାଯାଏ। ଯାହାକୁ ଖାଇଲେ, କାସ ରୁ ଆରାମ ମିଳିପାରେ।

ଚକୋଲେଟ୍ ରେ ଥିବା କୋକୋଆ ରେ ଫ୍ଲେନେନାଲ୍ସ ଥାଏ। ଯାହା ରକ୍ତ ନଳିକାର କାର୍ଯ୍ୟପ୍ରଣାଳୀ କୁ ସ୍ୱସ୍ଥ ରଖେ। ଏହା ଦ୍ୱାରା ବିପି କଣ୍ଟ୍ରୋଲ ବି ରହେ। ତେଣୁ ବ୍ଲଡ ପ୍ରେସର, ଟାଇପ - ୨ ଡାଇବେଟିସ୍ , କିଡନି ପ୍ରୋବଲେମ୍ ଓ ଡିମେନ୍ସିଆ ପରି ରୋଗ ଦୂରେଇ ରହେ। ବହୁ ବୟସ ଯାଏ ଫିଟ୍ ରହିବାରେ ବି ଚକୋଲେଟ୍ ସହଯୋଗ କରେ। ଚକୋଲେଟ୍ ଖାଇଲେ ବଡି ଆଣ୍ଡୋର୍ଫିଜିନ ନାମକ ହର୍ମୋନ ଉତ୍ସର୍ଜିତ କରେ। ଏହା ଯନ୍ତ୍ରଣା କମ୍ କରେ , ଏହା ଏକ ପ୍ରକାରର ପେନ୍ କିଲର ର କାମ କରେ । ଯେଉଁ ଲୋକ ମାନଙ୍କର ହଠାତ୍ ଚକର ଆସେ , ବ୍ଲଡ ପ୍ରେସର ଲୋ ହୋଇଯାଏ ସେମାନେ ସର୍ବଦା ପାଖରେ ଚକୋଲେଟ୍ ରଖି ଖାଇବା ଉଚିତ। ଏହା ମନ ଖୁସି କରିବା ସହିତ ସ୍ୱସ୍ଥ୍ୟ ପାଇଁ ବି ଲାଭକାରୀ ହୁଏ।

# ଆଇପିଏଲ୍: ଫର୍ମାଟ୍‌ରେ ପରିବର୍ତ୍ତନ, ଦୁଇଟି ଗ୍ରୁପ୍‌ରେ ୧୦ ଦଳ




ମୁମ୍ବାଇ : ଆସନ୍ତାମାସ ୨୬ ତାରିଖରୁ ଆରମ୍ଭ ହେବ ଆଇପିଏଲ୍‌ର ପଞ୍ଚଦଶ ସଂସ୍କରଣ। ଏହି ସଂସ୍କରଣ ମୁମ୍ବାଇର ୩ ଏବଂ ପୁଣେର ଗୋଟିଏ ଭେନ୍ୟୁରେ ଆୟୋଜିତ ହେବ। ଲିଗ୍ ପର୍ଯ୍ୟାୟରେ ମୋଟ ୭୦ ମ୍ୟାଚ୍ ସ୍ଥାନ ପାଇଛି। ସେଥିରୁ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍ ଓ ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ୨୦ ଲେଖାଏଁ ଏବଂ ମୁମ୍ବାଇର ବ୍ରାବର୍ଣ୍ଣ ଷ୍ଟାଡିୟମ୍ ଓ ପୁଣେର ଏମ୍‌ସିଏ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ୧୫ ଲେଖାଏଁ ମ୍ୟାଚ୍ ଖେଳାଯିବ। ଲିଗ୍ ପର୍ଯ୍ୟାୟ ପରେ ଏବଂ ଫାଇନାଲ୍ ପୂର୍ବରୁ ୪ଟି ପ୍ଲେଅଫ୍ ମ୍ୟାଚ୍ ଖେଳାଯିବ। ଫାଇନାଲ୍ ମ୍ୟାଚ୍ ମେ' ୨୯ ତାରିଖରେ ଖେଳାଯିବ। ପ୍ରତି ଷ୍ଟାଡିୟମ୍‌କୁ ପ୍ରାୟ ୪୦ ପ୍ରତିଶତ ଦର୍ଶକଙ୍କୁ ଅନୁମତି ଦିଆଯିବ ବୋଲି ବିସିସିଆଇ କହିଛି।

ତେବେ ପୂର୍ବ ତୁଳନାରେ ଆଗାମୀ ସଂସ୍କରଣ ପାଇଁ ଆଇପିଏଲ୍ ଫର୍ମାଟ୍‌ରେ ପରିବର୍ତ୍ତନ କରାଯାଇଛି। ଅବଶ୍ୟ ପରିବର୍ତ୍ତିତ ଫର୍ମାଟ୍ ୨୦୧୧ ସଂସ୍କରଣ ଭଳି ବୋଲି କୁହାଯାଇଛି। ପରିବର୍ତ୍ତିତ ଫର୍ମାଟ୍ ଅନୁଯାୟୀ ପଞ୍ଚଦଶ ସଂସ୍କରଣରେ ଅଂଶଗ୍ରହଣ କରୁଥିବା ମୋଟ ୧୦ ଦଳକୁ ସମାନ ଭାବେ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଆଇପିଏଲ୍‌ରେ (ବିଜେତା ଏବଂ ଫାଇନାଲ୍ ପ୍ରବେଶ ସଂଖ୍ୟା) ପ୍ରଦର୍ଶନକୁ ଭିତ୍ତିକରି ଭାରତୀୟ କ୍ରିକେଟ୍ ବୋର୍ଡ (ବିସିସିଆଇ) ନିକଟରେ ଗ୍ରୁପ୍ ପ୍ରସ୍ତୁତ କରିଛି। ପ୍ରତି ଗ୍ରୁପ୍‌ରେ ୫ ଲେଖାଏଁ ଦଳ ସାମିଲ ହୋଇଛନ୍ତି। ଗ୍ରୁପ୍-ଏ'ରେ ମାନ୍ୟତା ଅନୁଯାୟୀ ମୁମ୍ବାଇ ଇଣ୍ଡିଆନ୍‌ସ (୧), କୋଲ୍‌କାତା ନାଇଟ୍ ରାଇଡର୍ସ (୩), ରାଜସ୍ଥାନ ରୟାଲ୍‌ସ (୫), ଦିଲ୍ଲୀ କ୍ୟାପିଟାଲ୍‌ସ (୭), ଲକ୍ଷ୍ନୌ ସୁପରଜିଆଣ୍ଟ୍‌ସ (୯) ସ୍ଥାନ ପାଇଥିଲା ବେଳେ ଗ୍ରୁପ୍-ବି'ରେ ଚେନ୍ନାଇ ସୁପର କିଙ୍ଗ୍‌ସ (୨), ସନ୍‌ରାଇଜର୍ସ ହାଇଦ୍ରାବାଦ (୪), ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (୬), ପଞ୍ଜାବ କିଙ୍ଗ୍‌ସ (୮), ଗୁଜରାଟ ଟାଇଟାନ୍‌ସ (୧୦) ରହିଛନ୍ତି। ଲିଗ୍ ପର୍ଯ୍ୟାୟରେ ପ୍ରତି ଦଳ ୧୪ ଲେଖାଏଁ ମ୍ୟାଚ୍ ଖେଳିବେ। ସେଥିମଧ୍ୟରୁ ନିଜ ଗ୍ରୁପ୍‌ର ଅନ୍ୟ ୪ ଦଳ ବ୍ୟତୀତ ଗ୍ରୁପିଂର ସମାନ ଧାଡିରେ ରହିଥିବା ଅନ୍ୟ ଗ୍ରୁପ୍‌ର ଦଳ ସହ ୨ ଲେଖାଏଁ ମ୍ୟାଚ୍ ଖେଳିବେ। ଏହାବାଦ୍ ଅନ୍ୟ ଗ୍ରୁପ୍‌ର ଅବଶିଷ୍ଟ ୪ ଦଳ ସହିତ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳି ଲିଗ୍ ପର୍ଯ୍ୟାୟ ଶେଷ କରିବେ। ସେହିପରି ପ୍ରତି ଦଳ ୱାଙ୍ଖେଡେ ଓ ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ୪ ଲେଖାଏଁ ମ୍ୟାଚ୍ ଏବଂ ବ୍ରାବର୍ଣ୍ଣ ଓ ଏମ୍‌ସିଏ (ପୁଣେ) ଷ୍ଟାଡିୟମ୍‌ରେ ୩ ଲେଖାଏଁ ମ୍ୟାଚ୍ ଖେଳିବେ। ପ୍ଲେଅଫ୍ ମ୍ୟାଚ୍ ପାଇଁ ଭେନ୍ୟୁ ପରେ ସ୍ଥିର କରାଯିବ ବୋଲି ଶୁକ୍ରବାର ଆଇପିଏଲ୍ ଅଧ୍ୟକ୍ଷ ବ୍ରିଜେଶ ପଟେଲ ସ୍ପଷ୍ଟ କରିଛନ୍ତି।

# ପୁଣି ୩-୦ ମୂଳପୋଛ କରିନେଲା ଭାରତ



ଧର୍ମଶାଳା: ଲଗାତାର ୧୨ ଟ୍ୱେଣ୍ଟି-୨୦ ବିଜୟ ସହିତ ଭାରତୀୟ ଦଳ ଆଉ ଏକ ଶୃଙ୍ଖଳା ମୂଳପୋଛ ସଫଳତା ପାଇଛି। ୱେଷ୍ଟଇଣ୍ଡିଜ୍ ବିପକ୍ଷ ଭଳି ଶ୍ରୀଲଙ୍କା ବିପକ୍ଷରେ ମଧ୍ୟ ଭାରତ ଉଭୟ ଦିନିକିଆ ଓ ଟ୍ୱେଣ୍ଟି-୨୦ ଶୃଙ୍ଖଳାକୁ ୩-୦ରେ ମୂଳପୋଛ କରିନେଇଛି। ରବିବାର ଶ୍ରୀଲଙ୍କା ବିପକ୍ଷ ତୃତୀୟ ତଥା ଶେଷ ଟ୍ୱେଣ୍ଟି-୨୦ରେ ଭାରତ ୬ ୱିକେଟରେ ଆଉ ଏକ ପ୍ରାଧାନ୍ୟଭରା ବିଜୟ ଅର୍ଜନ କରିଥିଲା। ସମସ୍ତ ୩ ମ୍ୟାଚ୍‌ରେ ଆଦୌ ଆଉଟ୍ ନହୋଇ ମୋଟ ୨୦୪* ରନ୍ କରିଥିବା ଆୟର୍ ଉଭୟ ମ୍ୟାଚ୍ ଓ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ବିବେଚ୍ତ ହୋଇଥିଲେ। ଶ୍ରୀଲଙ୍କା ଟସ୍ ଜିତିଥିଲେ ମଧ୍ୟ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭାରତୀୟ ବୋଲର କିନ୍ତୁ ଏହି ଭ୍ରମଣକାରୀ ଦଳକୁ ପ୍ରଥମ ଦୁଇ ଓଭରରେ ଦୁଇ ଝଟକା ଦେବା ସହ ପାୱାର ପ୍ଲେ ଭିତରେ ୧୮/୩ରେ ସଂଘର୍ଷ କରାଇଥିଲେ। ଅଭେସ୍ ଖାନ୍ ଲଗାତାର ଓଭରରେ ୱିକେଟ୍ ନେବା ପରେ ରବି ବିଷ୍ଣୋଇ ମଧ୍ୟ ପାଳିର ତୃତୀୟ ବୋଲର ଭାବେ ପ୍ରଥମ ଓଭରରେ ୱିକେଟ୍ ବାହାର କରିଥିଲେ। ଶ୍ରୀଲଙ୍କା ଏକଦା ୬୦/୫ରେ ପହଞ୍ଚିଯାଇଥିଲା। ତେବେ ପୂର୍ବ ମ୍ୟାଚ୍ ଭଳି ଦାସୁନ ଶଣକା ବିସ୍ଫୋରକ ବ୍ୟାଟିଂ କରିବାରୁ ତାଙ୍କ ଦଳ ୧୪୬ ରନ୍‌ର ସମ୍ମାନଜନକ ସ୍କୋର୍ ଛିଡା କରି ନେଇଥିଲା। ମାତ୍ର ୩୦ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିବା ଶଣକା ୩୮ ବଲରୁ ୭୪* ରନ୍ କରିଥିଲେ। ଶଣକା ଏବଂ ଚ୍ମିକା କରୁଣାରତ୍ନେ (୧୨*, ୧୯ ବଲ୍) ଅତୁଟ ଷଷ୍ଠ ୱିକେଟ୍ ପାଇଁ ୭.୫ ଓଭରରେ ୮୬ ରନ୍ ଯୋଡିଥିଲେ। ଶଣକାଙ୍କ ପାଇଁ ଶ୍ରୀଲଙ୍କା ମଧ୍ୟ ଶେଷ ୩ ଓଭରରୁ ୪୩ ରନ୍ ଆଦାୟ କରିଥିଲା। ଏପରିକି ଶେଷ ୫ ଓଭରରୁ ତାଙ୍କ ଦଳ ୬୮ ରନ୍ ସଂଗ୍ରହ କରିଥିଲା।

# ରେକର୍ଡ଼ କଲେ ରୋହିତ ଶର୍ମା



ପୂର୍ଣ୍ଣକାଳୀନ ଅଧିନାୟକତ୍ୱ ଭାର ସମ୍ଭାଳିବା ପରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଏହା ଭାରତର ଲଗାତାର ୧୧ତମ ସୀମିତ ଓଭର ବିଜୟ। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଉଭୟ ଦିନିକିଆ ଓ ଟ୍ୱେଣ୍ଟି-୨୦ ଶୃଙ୍ଖଳାକୁ ୩-୦ରେ ଜିତିଥିଲା। ଗତ ସପ୍ତାହରେ ଶ୍ରୀଲଙ୍କା ବିପକ୍ଷରେ ମଧ୍ୟ ଭାରତ ୩-୦ରେ ଦିନିକିଆ ଶୃଙ୍ଖଳା ଜିତିଥିଲା। ମୋଟ ଉପରେ କିନ୍ତୁ କେବଳ ଟି-୨୦ରେ ରୋହିତ ଶର୍ମାଙ୍କ ଦଳ ୨୫ରୁ ୨୩ଟି ଜିତି ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। କେବଳ ଘରୋଇ ମାଟିରେ ଏହା ମଧ୍ୟ ୧୭ରୁ ୧୬ ବିଜୟ କୀର୍ତ୍ତିମାନ ରଖିଛି। ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ପରେ ଏବେ ଶ୍ରୀଲଙ୍କା ବିପକ୍ଷରେ ଟି-୨୦ ଜିତି ରୋହିତ ଶର୍ମାଙ୍କ ଦଳ ହ୍ୟାଟ୍ରିକ୍ ଶୃଙ୍ଖଳା ଜିତିଛି।

# ଆସନ୍ତା ୫ରୁ ଓଡିଶା ଟେନିସ୍ ଭଲିବଲ ଆସୋସିଏସନ୍‌ର ଜିଲ୍ଲାସ୍ତରୀୟ ଚାମ୍ପିୟନସିପ୍



କଟକ ,(ସଂଦେଶ ବ୍ୟୁରୋ): ମାର୍ଚ୍ଚ ମାସ ୫ ତାରିଖରୁ ଦୁଇ ଦିନ ବ୍ୟାପୀ ଯାଜପୁର ଜିଲ୍ଲା ବରିଠାରେ ଷଷ୍ଠତମ ଓଡ଼ିଶା ଜୁନିୟର ଚାମ୍ପିୟନ୍‌ଶିପ୍ (ପୁଅ-ଝିଅ) ଟେନିସ୍ ଭଲିଭଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ସମସ୍ତ ଜିଲ୍ଲାର ଖେଳାଳି ମାନଙ୍କୁ ଭାଗ ନେବାକୁ ଆହ୍ୱାନ କରାଯାଇଛି । ଏହି ଖେଳ ଜି.ସି କଲେଜ୍, ଯାଜପୁର, ବରୀ ଠାରେ ଅନୁଷ୍ଠିତ ହେବ ବୋଲି ଏହାର ଜଏଣ୍ଟ ସେକ୍ରେଟାରୀ ସ୍ମୃତି ରଞ୍ଜନ ସାମଲଙ୍କ ଠାରୁ ପ୍ରକାଶ । ସୂଚନାଯୋଗ୍ୟ, ଏହି ଚାମ୍ପିୟନସିପରେ ୧୫ଟି ଦଳ ଭାଗ ନେବାର କାର୍ଯ୍ୟକ୍ରମ ରହିଛି ।

ଏଥିରେ ପ୍ରତି ଜିଲ୍ଲାରୁ ୬/୬ ଜଣ ଖେଳାଳି (ପୁଅ ଓ ଝିଅ) +୨ = ୧୪ ଜଣ ଭାଗ ନେଇ ପାରିବେ, ଜିଲ୍ଲା ସ୍ତରର ଭାଗ ଖେଳାଳି ମାନଙ୍କ ଟିମ ଷ୍ଟେଟ ଗମେଣ୍ଟ ଦ୍ୱାରା ସ୍ୱୀକୃତି ପାଇଥିବା ଆବଶ୍ୟକ, ଟିମର ଗ୍ରୁପ ହେଡ଼ ସିଧା ସଳଖ ଏହି ଖେଳରେ ଭାଗ ନେବା ପାଇଁ (otvaodisa @gmail.com) ରେ ମେଲ କରିପାରିବେ କିମ୍ବା ନିମ୍ନ ଲିଖିତ ଫୋନ ମାଧ୍ୟମରେ ରେ ମଧ୍ୟ ଯୋଗା ଯୋଗ କରି ପାରିବେ । ଜଗନ୍ନାଥ ଦାସ - ୭୫୩୯୮୫୮୯୫୨, ଶ୍ରୀଧର ମହାନ୍ତି - ୯୮୫୩୦୧୨୭୧୦, ସ୍ମୃତି ରଞ୍ଜନ ମହାପାତ୍ର - ୯୪୩୯୪୮୩୫୯୯/ ୬୩୭୦୭୦୭୧୮୪

# ପଞ୍ଚମ ରାଜ୍ୟ ନରେନ୍ଦ୍ର ଜେନା ସ୍ମାରକୀ ଫୁଟ୍‌ବଲ ଟେନିସ୍ ପ୍ରତିଯୋଗିତା ଉଦ୍‌ଘାଟିତ




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ନୟାପଲ୍ଲୀ ସୟଦ ମମତାଜ ଅଲ୍ଲୀ ସ୍କୁଲ୍ ପ୍ରାଙ୍ଗଣରେ ପଞ୍ଚମ ରାଜ୍ୟ ଦିବାରାତ୍ର ନରେନ୍ଦ୍ର ଜେନା ସ୍ମାରକୀ ଫୁଟ୍‌ବଲ ଟେନିସ୍ ପ୍ରତିଯୋଗିତା (ପୁରୁଷ ଓ ମହିଳା) ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଅଛି। ଏଥିରେ ମୋଟ ୧୪ଟି ପୁରୁଷ ଦଳ ଓ ୪ଟି ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତା ନକ୍ ଆଉଟ ପଦ୍ଧତିରେ ଖେଳ ହେବ। ଏହି ପ୍ରତିଯୋଗିତା ୨ଦିନ ଧରି ଚାଲିବ। ତା ୨୬.୨.୨୦୨୨ ଓ ୨୭.୦୨.୨୦୨୨ ପ୍ରତିଯୋଗିତାରୁ ବଛା ବଛା ଖେଳାଳୀମାନେ ରାଜ୍ୟ ପାଇଁ ମହାରାଷ୍ଟ୍ର,ସୋଲାପୁରଠାରେ ମେ ମାସରେ ଜାତୀୟ ପ୍ରତିଯୋଗିତାରେ ଯୋଗଦେବେ। ଏହି ପ୍ରତିଯୋଗିତାଟିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ଭୁବନେଶ୍ୱରର କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଡଃ ସୌର୍ଯ୍ୟରଞ୍ଜନ ପରିଜା। ଅନ୍ୟତମ ସମ୍ମାନିତ ଅତିଥିମାନେ ହେଲେ ସମରେନ୍ଦ୍ର ଜେନା, ସଭାପତି ନଳିନୀକାନ୍ତ ମିଶ୍ର, ପ୍ରସନ୍ନ ରାଉତ, ମହେନ୍ଦ୍ର ବଳବନ୍ତରାୟ, ପ୍ରତିଭା ମିଶ୍ର, ସ୍ନିଗ୍ଧା ମହାପାତ୍ର, ଚିତା ବେହେରା, ସରିତା ଶତପଥୀ, କ୍ଷୀରୋଦ ବେହେରା, ଜଲ୍ଲିନ ଖାନ୍ ଓ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ଉଦ୍‌ଘାଟନ ଉତ୍ସବକୁ ପରିଚାଳନା କରିଥିଲେ। ଆସନ୍ତା କାଲି ଅପରାହ୍ନ ୪.୩୦ରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ।






# ମାଧୁରୀଙ୍କ ପଦାର୍ପଣ ଆନନ୍ଦଦାୟକ

ମାଧୁରୀ ଦୀକ୍ଷିତଙ୍କ ଓଟିଟିରେ ପଦାର୍ପଣ ହେଉଛି ଅତ୍ୟନ୍ତ ଆନନ୍ଦଦାୟକ। ବିଜୁ ନାମ୍ବିଆର୍ ଏବଂ କରିସ୍ମା କୋହଲିଙ୍କ ନିର୍ଦ୍ଦେଶିତ 'ଫେମ୍ ଗେମ୍' ରହସ୍ୟର ଏକ ରୋମାଞ୍ଚକର କାହାଣୀ। ଯାହା ମାଧୁରୀ ଦୀକ୍ଷିତଙ୍କ ଦ୍ୱାରା ଅଭିନୀତ ଏକ ଦୁର୍ବଳ ସୁପରଷ୍ଟାର ନିଖୋଜ ହେବା ପରେ ଉଭା ହୁଏ। ଫେମ୍ ଗେମ୍ ବର୍ତ୍ତମାନ ନେଟଫ୍ଲିକ୍ସରେ ଷ୍ଟ୍ରିମିଂ କରୁଛି। ଏଥିରେ ମାଧୁରୀ ଦୀକ୍ଷିତ, ସଞ୍ଜୟ କପୁର, ମାନବ କୌଲ୍, ସୁହାସିନି ମୁଲେ, ଲଖ୍‌ବୀର ସିଂ ସରନ୍, ମୁସ୍‌କାନ ଜାଫେରୀ, ରାଜଶ୍ରୀ ଦେଶପାଣ୍ଡେ, ଗଗନ୍ ଆରୋରା ପ୍ରମୁଖ ଅନ୍ୟମାନଙ୍କ ମଧ୍ୟରେ ଅଭିନୟ କରିଛନ୍ତି। ଏହାର ମୂଲ୍ୟାୟନ ୫ରୁ ୩ ରହିଛି।

ପ୍ରତିବର୍ଷ ହଜାର ହଜାର ଲୋକ ବିନା ବ୍ୟାଖ୍ୟାରେ ଅଦୃଶ୍ୟ ହୁଅନ୍ତି। ଏହି ଅଦୃଶ୍ୟତା ମଧ୍ୟରୁ ଅଧିକାଂଶ ଅଜ୍ଞାତ ହୋଇଯାଏ। ଅବଶ୍ୟ ନିଖୋଜ ବ୍ୟକ୍ତି ଜଣେ ସେଲିବ୍ରିଟି ହୋଇଥିଲେ ଏହା ଏକ ଭିନ୍ନ ବିଷୟ। ନିଖୋଜ ବ୍ୟକ୍ତିର ନିଖୋଜ ଏବଂ ପ୍ରତ୍ୟାବର୍ତ୍ତନ ମଧ୍ୟରେ ଅନେକ କଳ୍ପନାଜଳ୍ପନା ଅଛି। ଖରାପ ଖେଳକୁ ସର୍ବଦା ଧ୍ୟାନରେ ରଖାଯାଏ କିନ୍ତୁ ଜୀବିତ ଥିବା ଲୋକମାନଙ୍କ ମଧ୍ୟରେ ପୁନର୍ବାର ଦେଖାଯିବା ଭାଗ୍ୟଶାଳୀ ନୁହେଁ। ଏହି ସିରିଜର ଟାଇଟଲ୍ ନିଜେ ଏକ ଡ୍ୟାମ୍‌ପେନର୍। ଶୋ'ର ରହସ୍ୟ ଯାହା ବି ହେଉ, ଏହାର ପରିସର କେବଳ ଏକ ଧ୍ୟାନ ଖୋଜୁଥିବା କୌଶଳ।

# ଚର୍ଚ୍ଚାରେ ପ୍ରିୟତମା



ସିଦ୍ଧା ମ୍ୟୁଜିକ୍‌ର ପ୍ରଥମ ଅବଦାନ ହଁ ପ୍ରେମ ହେଲା ର ସଫଳତା ପରେ ଆଉ ଏକ ମନଛୁଆଁ ମ୍ୟୁଜିକ୍ ଭିଡ଼ିଓ "ପ୍ରିୟତମା' ଖୁବଶୀଘ୍ର ରିଲିଜ ହେବାକୁ ଯାଉଛି । ସଂଗୀତ ନିର୍ଦ୍ଦେଶକ ତଥା ଗୀତିକାର ସନ୍ଦୀପ ପଣ୍ଡା ଏହାର ସଂଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ବହୁ ଚର୍ଚ୍ଚାରେ ଥିବା ହଁ ପ୍ରେମ ହେଲା ଓ ସମ୍ବଲପୁରୀ ଭାଷାରେ ଗୀତ ଗାଇଥିବା ନବାଗତା ଗାୟିକା ସନ୍ଧ୍ୟାରାଣୀ ଏବଂ ବହୁ ଲୋକପ୍ରିୟତା ହାସଲ କରିଥିବା ଓଡିଶାର ଆଗ ଧାଡ଼ିର ଗାୟକ ହ୍ୟୁମାନ ସାଗରଙ୍କ ମିଳିତ କଣ୍ଠରେ ଏହି ଗୀତଟି ପ୍ରସ୍ତୁତ ହୋଇଛି । ଓଡ଼ିଆ ଚଳଚ୍ଚିତ୍ର ଜଗତରେ ବହୁ ଖ୍ୟାତ ଅର୍ଜନ କରିଥିବା ନିର୍ଦ୍ଦେଶକ ରାଜେନ୍ଦ୍ର ମହନ୍ତ ଏହି ମ୍ୟୁଜିକ୍ ଭିଡ଼ିଓଟିକୁ ଅତି ସୁନ୍ଦର ଭାବରେ ନିର୍ଦ୍ଦେଶନା ଦେଇଛନ୍ତି ଓ ରିପୋର୍ଟ ଦେଇଛନ୍ତି ଅମୃତ ନନ୍ଦ । ଓଡ଼ିଆ ଆଲବମ ଜଗତରେ ସୁନାମ ଅର୍ଜନ କରିଥିବା ଅତିସୁନ୍ଦର କଳା ପଦର୍ଶନ କରୁଥିବା ଆପଣଙ୍କ ଅତି ପ୍ରିୟର ନାୟିକା ଶ୍ରଦ୍ଧା ପାଣିଗ୍ରାହୀ ଏଥିରେ ଏକ ଭିନ୍ନ ରୂପରେ ଦେଖିବାକୁ ମିଳିବେ । ତାଙ୍କ ସହ ଚର୍ଚ୍ଚାରେ ଥିବା ସିରିଏଲ ଦୁନିଆର ନାୟକ ଜ୍ୟୋତି ପ୍ରକାଶ ପଣ୍ଡା ମଧ୍ୟ ଏଥିରେ ନଜର ଆସିବେ । ତାଙ୍କ ଯୋଡିକୁ ଦର୍ଶକମାନେ ଖୁବ ପସନ୍ଦ କରନ୍ତି । ଅତି ସୁନ୍ଦର ଗୀତ ସାଙ୍ଗକୁ ଏକ ନିଆରା କାହାଣୀ ନେଇ ସିଦ୍ଧା ମ୍ୟୁଜିକ୍ ଓ ଟିମ ଦ୍ୱାରା ପ୍ରସ୍ତୁତୁ ଏହି ମ୍ୟୁଜିକ୍ ଭିଡ଼ିଓଟି ନିଶ୍ଚିତ ଭାବେ ପୂର୍ଣ୍ଣ ସଫଳତା ହାସଲ କରିବ ବୋଲି ଚର୍ଚ୍ଚାରେ ଆସୁଛି ।

# ପୁଣି ଥରେ ଦର୍ଶକଙ୍କ ପାଖରେ ପହଞ୍ଚିବେ ପ୍ରୀତି



ଚଳଚ୍ଚିତ୍ର ଜଗତ ଏମିତି ଏକ ମାୟାପୁରୀ ଯେଉଁଠି ଯାବତୀୟ ଲୋକପ୍ରିୟତା ସତ୍ତ୍ୱେ କେହି ଯଦି ମଝିରେ କୌଣସି କାରଣରୁ ମନୋରଂଜନ କରିବାରେ ବିରାମ ଆଣିଦିଏ, ତାଙ୍କୁ ଦର୍ଶକ ପ୍ରତ୍ୟାଖ୍ୟାନ କରିବାକୁ ଭୁଲିନଥା'ନ୍ତି। ଏ କ୍ଷେତ୍ରରେ କଳାକାରମାନଙ୍କୁ ସର୍ବଦା ସତେଜ ଓ ସଜାଗ ରହିବା ନିହାତି ଜରୁରୀ। ଅତୀତରେ ଅନେକ ହିଟ୍ ସିନେମା ପରଷି ଏପରିକି ନଅ ନଅଟି ଭାଷାର ଚଳଚ୍ଚିତ୍ରରେ ଅଭିନୟ କରି ବି ସାମୟିକ ବିରତି ପାଇଁ ଅଭିନେତ୍ରୀ ପ୍ରୀତି ଝାଙ୍ଗିଆନୀଙ୍କ ଜୀବନରେ ସେଭଳି କିଛି ଘଟିଛି। ୨୦୧୭ରେ ମୁକ୍ତିଲାଭ କରିଥିବା ନିଜର ଶେଷ ସିନେମା ରାଜସ୍ଥାନୀ ଭାଷାର 'ତାଉତ୍ତୁ ଦି ସନ୍‌ଲାଇଟ୍' ପରେ ନିରବି ଯାଇଥିବା ପ୍ରୀତିଙ୍କୁ ଦର୍ଶକ ଯେପରି ଭୁଲିଗଲେଣି। ତେବେ ଅତୀତର ସମର୍ଥନ ଓ ପ୍ରଶଂସାକୁ ମନେ ପକାଇ ପ୍ରୀତି ପୁଣି ଥରେ ପ୍ରିୟ ଦର୍ଶକଙ୍କ ପାଖରେ ପହଞ୍ଚିବାକୁ ସଜବାଜ ହେଉଛନ୍ତି। ଏପରିକି ଓଟିଟି ମଞ୍ଚରେ ହେଉ ପଛକେ ନିଜ ପ୍ରଶଂସକମାନଙ୍କର ପୁଣି ଥରେ ହୃଦ୍‌ସ୍ପନ୍ଦନ ସାଜିବାକୁ ସେ ଇଚ୍ଛା ପ୍ରକଟ କରିଛନ୍ତି।

# ସ୍ଥାନୀୟ ଲୋକଙ୍କ କଲ୍ୟାଣ ପାଇଁ ପ୍ରସ୍ତୁତ ଥିବା କମ୍ପାନୀ ଅଧିକ ଲାଭ ପାଇଥାନ୍ତି :ରାମଚନ୍ଦ୍ର ପ୍ରସାଦ

ଭୁବନେଶ୍ୱର, (ପିଆଇବି): ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ରାଜ୍ୟର ଖଣି ଏବଂ ଶିଳ୍ପ ମନ୍ତ୍ରୀମାନଙ୍କର ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଓଡ଼ିଶାରେ ଆୟୋଜିତ ହେଉଥିବା ଏହି ଦୁଇଦିନିଆ ସମ୍ମିଳନୀରେ ଖଣି ସମୃଦ୍ଧ ରାଜ୍ୟମାନଙ୍କରେ ରହିଥିବା ସମ୍ଭାବନା ଉପରେ ବିଚାରବିମର୍ଶ କରାଯାଇଛି । ବିଶେଷ କରି ଖଣି ଲିଜ୍, ପରିବେଶ ମଞ୍ଜୁରି ଏବଂ ବର୍ତ୍ତମାନର ଏବଂ ନୂଆ ଖଣି ପ୍ରକଳ୍ପ ସମ୍ପର୍କରେ ସମ୍ମିଳନୀରେ ଆଲୋଚନା ହୋଇଛି ।ଏହି ସମ୍ମିଳନୀକୁ ଇସ୍ପାତ ମନ୍ତ୍ରୀ ଶ୍ରୀ ରାମ ଚନ୍ଦ୍ର ପ୍ରସାଦ ସିଂ ଉଦଘାଟନ କରିଥିବା ବେଳେ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଫଗନ ସିଂ କୁଲସ୍ତେ, ଓଡିଶା ସରକାରଙ୍କ ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ମଧ୍ୟପ୍ରଦେଶ ଶିଳ୍ପ ଓ ନିବେଶ ପ୍ରୋତ୍ସାହନ ମନ୍ତ୍ରୀ ଶ୍ରୀ ରାଜବର୍ଦ୍ଧନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହାବ୍ୟତୀତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ଇସ୍ପାତ ମନ୍ତ୍ରଣାଳୟ ଅଧୀନ ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅଧକ୍ଷମାନେ ମଧ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ।

ଏହି ସମ୍ମିଳନୀରେ ଖଣି, ବିଶେଷ କରି ଇସ୍ପାତ କ୍ଷେତ୍ର ସହ ଜଡିତ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରାଯାଇଥିଲା ଏବଂ ଏହା ଉପରେ ଫଳପ୍ରଦ ଆଲୋଚନା ହୋଇଥିଲା ଯାହାକୁ ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ପ୍ରତିନିଧିମାନେ ସ୍ୱାଗତ କରିଥିଲେ।ଖଣିଜ ଦ୍ରବ୍ୟ ଉତ୍ତୋଳନ ଏବଂ ଇସ୍ପାତ ଉତ୍ପାଦନ ପ୍ରସଙ୍ଗ ଉପସ୍ଥାପନ କରି ଇସ୍ପାତ ମନ୍ତ୍ରଣାଳୟ ଅଧିକାରୀମାନେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ନୀତିଗତ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ । କାରବାରକୁ ଆଗକୁ ବଢ଼ାଇବା ଲାଗି ରାଜ୍ୟ ସରକାରମାନଙ୍କ ଠାରୁ ଆବଶ୍ୟକ ସହାୟତା ସମ୍ପର୍କରେ ମଧ ସେମାନେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ କେନ୍ଦ୍ର ରାଷ୍ଟ୍ରାୟତ୍ତ ଉଦ୍ୟୋଗର ମୁଖ୍ୟମାନେ ସେମାନଙ୍କ ମତ ଉପସ୍ଥାପନ କରି ରାଜ୍ୟ ସରକାରଙ୍କ ପକ୍ଷରୁ ମିଳୁଥିବା ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ ଏବଂ ସହଯୋଗକୁ ଆହୁରି ଆଗକୁ ବଢ଼ାଇବା ଲାଗି ସେମାନେ ଆଗ୍ରହୀ ଥିବା ପ୍ରକାଶ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଶ୍ରୀ ରାମଚନ୍ଦ୍ର ପ୍ରସାଦ ସିଂ ଏହି ଅବସରରେ 'ବର୍ଜ୍ୟରୁ ସମ୍ପଦ ସୃଷ୍ଟି' ପାଇଁ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପ ସମ୍ପର୍କରେ ଉପସ୍ଥିତ ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ସେ କହିଥିଲେ ଯେ, ଇସ୍ପାତ ଉତ୍ପାଦନରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ବ୍ୟବହାର ପାଇଁ ରହିଥିବା ସୁଯୋଗକୁ ସନ୍ଧାନ କରିବା ଲାଗି ବିଭିନ୍ନ କମ୍ପାନୀ ଗବେଷଣା କରୁଛନ୍ତି । ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ପ୍ରଭାବୀ ଥଇଥାନ ଏବଂ ପୁନର୍ବାସ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଯେଉଁ କମ୍ପାନୀମାନେ ସକାରାତ୍ମକ ଭାବେ ସାମାଜିକ ପୁଞ୍ଜିର ଲାଭ ଉଠାଇବାକୁ ସକ୍ଷମ ଏବଂ ସ୍ଥାନୀୟ ଲୋକଙ୍କ କଲ୍ୟାଣ ପାଇଁ ସର୍ବଦା ପ୍ରସ୍ତୁତ ରହିଥାନ୍ତି ସେମାନେ ଦୀର୍ଘକାଳୀନ ଭିତ୍ତିରେ ଅଧିକ ଲାଭ ପାଇଥାନ୍ତି। ଅନୁରୂପ ଭାବେ, ଏହି କ୍ଷେତ୍ରରେ ସମସ୍ତ ଅଂଶୀଦାରମାନଙ୍କୁ ସମାନ ସୁବିଧାସୁଯୋଗ ମିଳିପାରିଲେ ଭାରତ ଏହି କ୍ଷେତ୍ରରେ ଆଗକୁ ବଢ଼ିପାରିବ ବୋଲି ସେ କହିଥିଲେ। ଏହି ଲକ୍ଷ୍ୟ ଦିଗରେ ଅଗ୍ରସର ହେବାକୁ ହେଲେ ଦ୍ୱିତୀୟକ ଇସ୍ପାତ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ଲାଗି ଏକ ନୀତିର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।



ଖଣି ଏବଂ ଶିଳ୍ପ ମନ୍ତ୍ରୀମାନଙ୍କର ସମ୍ମିଳନୀକୁ ଉଦ୍‌ଘାଟନ କରୁଛନ୍ତି କେନ୍ଦ୍ର ଇସ୍ପାତ ମନ୍ତ୍ରୀ ରାମ ଚନ୍ଦ୍ର ପ୍ରସାଦ ସିଂ

# 'ୱାର୍କ, ୱାର୍କମ୍ୟାନସିପ୍ ଆଣ୍ଡ ଉଇନିଙ୍ଗ' ପୁସ୍ତକ ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ସତ୍ୟଜିତ ସେନାପତିଙ୍କ ଦ୍ୱାରା ଲିଖିତ 'ୱାର୍କ, ୱାର୍କମାନସିପ୍ ଆଣ୍ଡ ଉଇନିଙ୍ଗ୍' ପୁସ୍ତକକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜଭବନରେ ଉନ୍ମୋଚନ କରିଛନ୍ତି। ଏହି ଉନ୍ମୋଚନ ଉତ୍ସବରେ ଲେଖକଙ୍କ ସହ ବିଶିଷ୍ଟ ଲେଖକ ତଥା ପୂର୍ବତନ ପ୍ରଶାସକ ରବି ନାରାୟଣ ସେନାପତି ଓ କବି ରକ୍ଷକ ନାୟକ ଉପସ୍ଥିତ ଥିଲେ। କର୍ପୋରେଟ ଜଗତରେ ଉଚ୍ଚତର ସୋପାନରେ ପହଂଚିବା ପାଇଁ ଏହି ପୁସ୍ତକଟି ଏକ ମାର୍ଗଦର୍ଶିକା ଏବଂ ଏହା ବିପୁଳ ପାଠକୀୟତା ହାସଲ କରିବ ବୋଲି ପ୍ରକାଶ କରି ରାଜ୍ୟପାଳ ଲେଖକ ଶ୍ରୀ ସେନାପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ନ୍ୟାୟିକ ସେବା ଶିକ୍ଷାନବିଶମାନଙ୍କର ପ୍ରଶାସନିକ ବ୍ୟବସ୍ଥା ହିଁ ପ୍ରଶାସନର କେନ୍ଦ୍ରବିନ୍ଦୁ :ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ନ୍ୟାୟିକ ସେବା ଶିକ୍ଷାନବିଶମାନଙ୍କର ପ୍ରଶାସନିକ ବ୍ୟବସ୍ଥା ସହ ସିଧାସଳଖ ପରିଚୟ ନିମନ୍ତେ ରାଜ୍ୟ ଲୋକସେବା ଭବନକୁ ଦିନିକିଆ ପରିଦର୍ଶନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ପରୀପ୍ରେକ୍ଷୀରେ ଲୋକସେବା ଭବନ କନ୍‌ଭେନ୍ସନ୍ ସେଣ୍ଟରଠାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।

ଏହି ଆଲୋଚନା ଚକ୍ରକୁ ଉଦ୍ଘାଟନ କରି ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନାଗରିକ ହିଁ ପ୍ରଶାସନର କେନ୍ଦ୍ରବିନ୍ଦୁ ଏବଂ ସର୍ବଶ୍ରେଷ୍ଠ । ଗଣତନ୍ତ୍ରର ୪ଟି ସ୍ତମ୍ଭ ଲୋକମାନଙ୍କ ଆଶା ଆକାଂକ୍ଷା ପୂରଣ କରିବାକୁ କାର୍ଯ୍ୟକରନ୍ତି । ଲୋକମାନଙ୍କ ଦ୍ୱାରା ନିର୍ବାଚିତ ଜନପ୍ରତିନିଧି ଏବଂ ବିଧାୟକମାନେ ଲୋକମାନଙ୍କ ଆଶା ଆକାଂକ୍ଷା ବିଷୟ ନିର୍ଦ୍ଧାରଣ କରିବାରେ ସଠିକ୍ ଭୂମିକା ନିଭାଇଥାଆନ୍ତି । କାରଣ ଲୋକମାନଙ୍କ ସହ ସେମାନଙ୍କର ସିଧାସଳଖ ଯୋଗାଯୋଗ ଥାଏ, ଏବଂ ସମସ୍ତ ପ୍ରକାର ସୁବିଧା ଅସୁବିଧା ସହ ସେମାନେ ଲୋକମାନଙ୍କ ଗହଣରେ ବସବାସ କରନ୍ତି । ତେଣୁ ବ୍ୟବସ୍ଥାପକ ସଭାଦ୍ୱାରା ପ୍ରଣୀତ ଆଇନ୍ ଲୋକମାନଙ୍କର ଆଶା ଆକାଂକ୍ଷାକୁ ପ୍ରତିଫଳନ କରେ । ସେସବୁର ପୂରଣ ନିମନ୍ତେ କାର୍ଯ୍ୟନିର୍ବାହୀ ବ୍ୟବସ୍ଥା ଜନସାଧାରଣଙ୍କ ସେବକଭାବେ କାର୍ଯ୍ୟକରେ ।

ଶ୍ରୀ ମହାପାତ୍ର ଆହୁରି ମଧ କହିଥିଲେ ରାଜ୍ୟର ସର୍ବୋଚ୍ଚ ଅଧିକାରୀଙ୍କଠାରୁ ଆରମ୍ଭକରି ଗ୍ରାମସ୍ତରରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଜନସାଧାରଣଙ୍କ ସେବକ । ନିର୍ଦ୍ଧାରିତ ନିୟମ ଅନୁଯାୟୀ ସମଭାବରେ ସମସ୍ତଙ୍କୁ ସଠିକ୍ ସେବା ଯୋଗାଇବା ସମସ୍ତଙ୍କର ମୁଖ୍ୟ କାମ । ଏହି ମୂଲ୍ୟବୋଧ ଭିତ୍ତିରେ ରାଜ୍ୟରେ 'ମୋ ସରକାର' ଏବଂ ୫ଟି ବ୍ୟବସ୍ଥା ଆରମ୍ଭ କରାଯାଇଛି ।

# ଜନସାଧାରଣଙ୍କ ମୌଳିକ ଅଧିକାରକୁ ସୁରକ୍ଷା ଦେବା ଗଣତନ୍ତ୍ରର ପ୍ରଧାନ ଆଭିମୁଖ୍ୟ : ବାଚସ୍ପତି

## ନବାଗତ ନ୍ୟାୟିକ ସେବା ଶିକ୍ଷାନବିସଙ୍କୁ ବିଧାନସଭା ପକ୍ଷରୁ ସ୍ୱାଗତ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଜନସାଧାରଣଙ୍କ ମୌଳିକ ଅଧିକାରକୁ ସୁରକ୍ଷା ଦେବା ଗଣତନ୍ତ୍ରର ପ୍ରଧାନ ଆଭିମୁଖ୍ୟ। ଆଇନର ଲକ୍ଷ୍ମଣରେଖା ମଧ୍ୟରେ ରହି ମାମଲାରେ ସମ୍ପୃକ୍ତ ଉଭୟ ପକ୍ଷଙ୍କୁ ସମଦୃଷ୍ଟିରେ ଦେଖି ନ୍ୟାୟ ପ୍ରଦାନ କରାଯିବା ଉଚିତ ବୋଲି ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ପ୍ରକାଶ କରିଛନ୍ତି। ଆଜି ପୂର୍ବାହ୍ନରେ ନବାଗତ ନ୍ୟାୟିକ ସେବା ଶିକ୍ଷାନବିସମାନଙ୍କ ସହିତ ପ୍ରତ୍ୟକ୍ଷ ପରିଚୟ ଉଦ୍ଦେଶ୍ୟରେ ରାଜ୍ୟ ବିଧାନସଭାର ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଆଲୋଚନା ଚକ୍ରକୁ ଉଦଘାଟନ କରି ବାଚସ୍ପତି ଡ. ପାତ୍ର ଉପରୋକ୍ତ ମର୍ମରେ ମତ ପ୍ରଦାନ କରିଛନ୍ତି। ବାଚସ୍ପତି ଡ. ପାତ୍ର କହିଛନ୍ତି ଯେ ଶିକ୍ଷାନବିସମାନେ ମାତୃଭାଷାକୁ ପ୍ରାଧାନ୍ୟ ଦେବା ଆବଶ୍ୟକ। କାରଣ ରାଜ୍ୟର ୯୦ ପ୍ରତିଶତ ମୁଦାଲା ଓ ଆଇନଜୀବୀ ମାତୃଭାଷା ଓଡ଼ିଆରେ କଥାବର୍ତ୍ତା ହୁଅନ୍ତି। ପ୍ରତି ଦେଶରେ ସାମାଜିକ ବିଧିବ୍ୟବସ୍ଥା ଓ ଆବଶ୍ୟକତାକୁ ନେଇ ଆଇନ ପ୍ରଣୟନ ହୋଇଥାଏ ଏବଂ ଏହାକୁ ଦୃଷ୍ଟିରେ ରଖି ଶିକ୍ଷାନବିସମାନେ ଗୁରୁତ୍ୱର ସହ କାର୍ଯ୍ୟ କରିବା ଉଚିତ ବୋଲି ବାଚସ୍ପତି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଂଚାୟତିରାଜ ଓ ପାନୀୟ ଜଳ, ଗୃହନିର୍ମାଣ ଓ ନଗର ଉନ୍ନୟନ, ଆଇନ ମନ୍ତ୍ରୀ ପ୍ରତାପ ଜେନା ବିଧିପାଳିକା ଦ୍ୱାରା ବିଭିନ୍ନ ଆଡ଼କୁ କାର୍ଯ୍ୟପାଳିକା କାର୍ଯ୍ୟକାରୀ କରିଥାଏ ବୋଲି ଦର୍ଶାଇ ନ୍ୟାୟପାଳିକା ଆଇନର ଯଥାର୍ଥ ତର୍ଜମା କରି ନ୍ୟାୟନିର୍ଣ୍ଣୟ କରୁଥିବାରୁ ନବାଗତ ଶିକ୍ଷାନବିସମାନେ ସ୍ୱାଧୀନ ଓ ନିରପେକ୍ଷ ଭାବରେ ନ୍ୟାୟ ବ୍ୟବସ୍ଥାକୁ ଦୃଢ କରିବା ଉପରେ ଉଲ୍ଲେଖ କରିଥିଲେ। ଉପବାଚସ୍ପତି ରଜନୀକାନ୍ତ ସିଂହ ଅନ୍ୟତମ ସମ୍ମାନତ ଅତିଥି ଭାବେ ଯୋଗଦେଇ ଆଇନ ପ୍ରଣୟନର ପ୍ରାଥମିକ ପର୍ଯ୍ୟାୟ ବିଲ୍, ପ୍ରସ୍ତାବିତ ବିଲ୍ ଉପରେ ବିଧାୟକମାନଙ୍କ ବିଶଦ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ବିଲ୍ ଆଇନରେ ପରିଣତ ହୁଏ ବୋଲି କହିବା ସହିତ ଶିକ୍ଷାନବିସମାନଙ୍କୁ ଶୁଭକାମନା ଜଣାଇଥିଲେ। ବିଧାନସଭାର ଓଏସ୍‌ଡି ତଥା ସଚିବ ଦାଶରଥୀ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନୂତନ ଶିକ୍ଷାନବିସମାନଙ୍କ ଦ୍ୱାରା ନ୍ୟାୟିକ ବ୍ୟବସ୍ଥା ଦୃଢ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏସ୍‌ଡି ତଥା ନିର୍ଦ୍ଦେଶକ(ଗବେଷଣା) କ୍ୟାପାସିନ୍ଧୁ ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ (ଗବେଷଣା) ଶିବପ୍ରସାଦ ପଟ୍ଟନାୟକ, ଓଏସ୍‌ଡି ବିଜୟ କୁମାର ସାହୁ ଏବଂ ବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ପୂର୍ଣ୍ଣଚନ୍ଦ୍ର ଦଳେଇ ମଧ ବକ୍ତବ୍ୟ ରଖିଥିଲେ। ଉପଶାସନ ସଚିବ ଶିଶିର କାନ୍ତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ୪୬ ଜଣ ନବାଗତ ନ୍ୟାୟିକ ସେବା ଶିକ୍ଷାନବିସ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଅଭିଲେଖାଗାର ପକ୍ଷରୁ ରାଜ୍ୟ ଅଭିଲେଖ ସପ୍ତାହ ପାଳିତ

# ସାହିତ୍ୟ ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ଅଭିଲେଖାଗାରର ଭୂମିକା ବିଶେଷଗୁରୁତ୍ୱପୂର୍ଣ୍ଣ: ଅତିରିକ୍ତ ମୁଖ୍ୟ ଶାସନ ସଚିବ




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ଅଭିଲେଖାଗାରର ଭୂମିକା ବିଶେଷଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଛନ୍ତି। ରାଜ୍ୟ ଅଭିଲେଖାଗାରରେ ଅନୁଷ୍ଠିତ ରାଜ୍ୟ ଅଭିଲେଖ ସପ୍ତାହ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପାଢ଼ୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଅଭିଲେଖାଗାରର ଉତ୍ପତି, ଇତିହାସ ଏବଂ ନଥିପତ୍ର କିପରି ଉତ୍ତରପିଢି ପାଇଁ ଡିଜିଟାଇଜେସନ୍ ମାଧ୍ୟମରେ ସୁରକ୍ଷିତ ହୋଇ ରହିପାରିବ ତାହା ଉପରେ ଗୁରୁତ୍ୱ ପ୍ରଦାନ କରିବା ସହ ଅଭିଲେଖାଗାରର କର୍ମଚାରୀ ଅଭାବ ଦୂର କରାଯିବ ବୋଲି ଉଲ୍ଲେଖ କରିଥିଲେ। ଖୋର୍ଦ୍ଧାଠାରେ ନିର୍ମିତ ହେବାକୁ ଥିବା ପାଇକ ବିଦ୍ରୋହର ସ୍ମାରକୀ କିପରି ଅନ୍ତର୍ଜାତୀୟ ମାନ୍ୟତା ପାଇପାରିବ ସେ ଦିଗରେ ସମସ୍ତଙ୍କର ମିଳିତ ପ୍ରଚେଷ୍ଟା ରହିବା ଉଚିତ ବୋଲି ଶ୍ରୀ ପାଢ଼ୀ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବରେ ଓଡ଼ିଶା ଭାଷା, ସାହିତ୍ୟ ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଂଜନ କୁମାର ଦାସ ଯୋଗଦେଇ ଓଡ଼ିଶା ଇତିହାସରେ ପାଇକ ବିଦ୍ରୋହ ଏକ ଅଗ୍ରଗଣ୍ୟ ସ୍ଥାନ ନିଶ୍ଚିତ ଭାବରେ ନେବ ବୋଲି ଉଲ୍ଲେଖ କରିଥିଲେ। ପାଇକମାନେ ସାଧାରଣ କୃଷକ ଓ ଅସାଧାରଣ ଯୋଦ୍ଧା ଥିଲେ। ସେମାନେ ଏକାଧାରାରେ ରାଜତନ୍ତ୍ର ଏବଂ ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତିର ରକ୍ଷକ ଥିଲେ ବୋଲି ସେ ପ୍ରକାଶ କରିଥିଲେ।

# ଲିଙ୍ଗରାଜ ମହାପ୍ରଭୁଙ୍କ ମହାଦୀପ ରାତି ୧୦ଟାରେ ଉଠିବ: ଜିଲ୍ଲାପାଳ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଆସନ୍ତା ମାର୍ଚ୍ଚ ୧ ତାରିଖରେ ଭୁବନେଶ୍ୱରର ପ୍ରସିଦ୍ଧ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ମହାଶିବରାତ୍ରୀ ପର୍ବ ପାଳନ ନିମନ୍ତେ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧକ୍ଷତାରେ ଏକ ସମନ୍ୱୟ ବୈଠକ ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳକହିଲେ ଯେ, ମହା ଶିବରାତ୍ରୀ ଆମ ହିନ୍ଦୁ ଧର୍ମର ଏକ ପବିତ୍ର ପର୍ବ । ତେବେ କରୋନା ଭୁତାଣୁ ଆମଠାରୁ ସଂପୂର୍ଣ୍ଣ ରୂପେ ଦୂରେଇ ଯାଇ ନାହିଁ । ଆମ୍ଭେମାନେ ଏବେବି ଅସାଧାରଣ ପରିସ୍ଥିତିର ସମ୍ମୁଖୀନ ହୋଇଛୁ । କୋଭିଡ୍ ସଂକ୍ରମଣ ପରିପ୍ରେକ୍ଷୀରେ ଆମେ ଆମକୁ ସେହିଭଳି ଅସାଧାରଣ ଭାବେ ଏହାର ମୁକାବିଲାକୁ ଜାରି ରଖିବାର ଆବଶ୍ୟକତା ରହିଛି । ଏଥି ପାଇଁ ଗତବର୍ଷ ପରି ଚଳିତ ବର୍ଷ ମଧ କୋଭିଡ୍ କଟକଣା ଅନୁପାଳନ ମଧ୍ୟରେ ମହାଶିବରାତ୍ରୀ ପର୍ବ ପାଳନ ପାଇଁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ । ମହାପ୍ରଭୁଙ୍କ କରୁଣାରୁସମସ୍ତଙ୍କର ସହଯୋଗରେ ଏ ବର୍ଷର ମହାଶିବରାତ୍ରୀ ପର୍ବ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହେବା ନେଇ ସେ ମନ୍ଦିରର ସେବାୟତ ପ୍ରତିନିଧି , ସଂପୃକ୍ତ ବିଭିନ୍ନ ପ୍ରଶାସନିକ ଅଧିକାରୀ ଓ ଅନୁଷ୍ଠାନମାନଙ୍କର ସହଯୋଗ କାମନା କରିଥିଲେ । ବୈଠକର ନିଷ୍ପତ୍ତି ଅନୁସାରେ ଗତ ବର୍ଷ ପରି ଚଳିତ ବର୍ଷ ମଧ ମହାଶିବରାତ୍ରୀ ରାତ୍ର ୧୦ ଟାରେ ମହାଦୀପ ଉଠିବ ।

## ଘୋଷଣା

### (ଫର୍ମ ନମ୍ବର ୪ (୮ ନମ୍ବର ଧାରା) ଅନୁସାରେ)

| | | | |
|---|---|---|---|
| ୧. | ପ୍ରକାଶନ ସ୍ଥାନ | : | ପ୍ଲଟ ନଂ- ଇ.ବି.-୬୭୨,ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର- ୭୫୧୦୧୮,ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା |
| ୨. | ପ୍ରକାଶନ ବିବରଣୀ | : | ଓଡ଼ିଶା ସଂଦେଶ (ସାପ୍ତାହିକ) |
| ୩. | ମୂଲ୍ୟ | : | ଟ.୩.୦୦ (ଖଣ୍ଡପ୍ରତି) |
| ୪. | ମୁଦ୍ରାକରଙ୍କ ନାମ | : | **ଶ୍ରୀମତୀ ପୁଷ୍ପାଞ୍ଜଳି ଦାସ** |
| | ଜାତୀୟତା | : | ଭାରତୀୟ |
| | ଠିକଣା | : | ପ୍ଲଟ ନଂ- ଇ.ବି.-୬୭୨,ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର- ୭୫୧୦୧୮,ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା |
| ୫. | ପ୍ରକାଶିକାଙ୍କ ନାମ | : | **ଶ୍ରୀମତୀ ପୁଷ୍ପାଞ୍ଜଳି ଦାସ** |
| | ଜାତୀୟତା | : | ଭାରତୀୟ |
| | ଠିକଣା | : | ପ୍ଲଟ ନଂ- ଇ.ବି.-୬୭୨,ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର- ୭୫୧୦୧୮,ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା |
| ୬. | ସମ୍ପାଦକଙ୍କ ନାମ | : | **ଅଜୟ କୁମାର ଦାସ** |
| | ଜାତୀୟତା | : | ଭାରତୀୟ |
| | ଠିକଣା | : | ପ୍ଲଟ ନଂ- ଇ.ବି.-୬୭୨,ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର- ୭୫୧୦୧୮,ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା |
| ୭. | ପ୍ରକାଶନର ସତ୍ତ୍ୱାଧିକାରୀ ବା ଅଂଶୀଦାରଙ୍କ ନାମ | : | **ମୟୂର ଅଫ୍‌ସେଟ୍ ପ୍ରିଣ୍ଟର** ବି-୧/୧, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ଭୁବନେଶ୍ୱର-୭୫୧୦୧୦ ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା |

ମୁଁ **ଶ୍ରୀମତୀ ପୁଷ୍ପାଞ୍ଜଳି ଦାସ**, ଉପଲିଖିତ ତଥ୍ୟଗୁଡ଼ିକ ଘୋଷଣା କରୁଛି ଯେ, ଏହା ମୋର ଜ୍ଞାତ ଓ ବିଶ୍ୱାସମତେ ସତ୍ୟ ଅଟେ ।

ସ୍ୱା/-

**ତା: ୨୮.୦୨.୨୦୨୨**
**ଭୁବନେଶ୍ୱର**

**ଶ୍ରୀମତୀ ପୁଷ୍ପାଞ୍ଜଳି ଦାସ**
**ପ୍ରକାଶିକା, ଓଡ଼ିଶା ସଂଦେଶ**

Printed, Published , Owned by Puspanjali Das and Printed by her at Mayur Offset Printers, D1/1 Mancheswar Industrial Estate, Bhubaneswar,751010 and Published at EB-672, Badagada Brit Colony, Bhubaneswar - 751018, Dist - Khurda, Odisha, **City Office:** 3R-5(F), Paradip Colony, Unit-8, Bhubaneswar-751012,Ph - 0674-2564429, 8895182352(M), 6370382637, e-mail : odishasandesh.news@gmail.com

ସମ୍ପାଦକ: ଅଜୟ ଦାସ

**Chief Editor : Harendra Kishor Das**

**Editor :Ajay Das**